## ସଂକ୍ଷେପରେ

### ଭୁଜାଲି ଚୋଟରେ ଅନ୍ତ ବୁଜୁଳା ବାହାରିଲା

**ଠାକୁରମୁଣ୍ଡା,୩।୧୦(ତାରାକାନ୍ତ ପଟ୍ଟନାୟକ)**

ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଅଧୀନ ଠାକୁରମାପାଟଣା ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତଙ୍କ ଭୁଜାଲି ଚୋଟରେ ଜଣେ ମହିଳାଙ୍କ ଅନ୍ତ ବୁଜୁଳା ବାହାରି ପଡ଼ିଛି। ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ମହିଳା ଜଣକ ହେଲେ ମାନି ପିଙ୍ଗୁଆ। ଆକ୍ରମଣର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ପୂର୍ବ ଶତ୍ରୁତାରୁ ଏହି ଘଟଣା ଘଟିଥିବା ଆଲୋଚନା ହେଉଛି। ସୋମବାର ରାତିରେ ମାନି ଓ ତାଙ୍କ ସ୍ୱାମୀ ଘରେ ଶୋଇଥିବା ସମୟରେ କେହି ଦୁର୍ବୃତ୍ତ ମାନିଙ୍କୁ ଭୁଜାଲିରେ ହାଣି ପଳାଇଯାଇଥିଲେ। ଏହି ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

### କାର୍ଯ୍ୟରେ ଯୋଗଦେଲେ ନୂତନ ଜିଲା ଜଜ୍

**ଭଦ୍ରକ,୩।୧୦(ସନାତନ ରାଉତ)**

ଭଦ୍ରକ କୋର୍ଟରେ ନୂତନ ଜିଲା ଜଜ୍ ଭାବେ ସଂଗ୍ରାମ କେଶରୀ ପଟ୍ଟନାୟକ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଜିଲା ଜଜ୍ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ସମ୍ବଲପୁର ବଦଳି ପରେ ତାଙ୍କ ସ୍ଥାନରେ ସେ ଯୋଗ ଦେଇଛନ୍ତି। ପୂର୍ବରୁ ସେ ନୂଆପଡ଼ା ଜିଲା ଜଜ୍ ଭାବେ



କାର୍ଯ୍ୟରତ ଥିଲେ। ୨୦୦୧ରେ ବିଚାର ବିଭାଗୀୟ ଅଧିକାରୀ ଭାବେ ଯୋଗଦେଇ ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟ କରି ନିରପେକ୍ଷ ବିଚାର ବିଭାଗୀୟ ଅଧିକାରୀ ଭାବେ ସୁନାମ ଅର୍ଜନ କରିଛନ୍ତି। ଭଦ୍ରକ କୋର୍ଟ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଓକିଲ ସଂଘର କର୍ମକର୍ତ୍ତା, ଅଧସ୍ତନ ବିଚାରପତି, ବିଚାର ବିଭାଗୀୟ କର୍ମଚାରୀ ଓ ସରକାରୀ ଓକିଲମାନେ ତାଙ୍କୁ ସ୍ୱାଗତ କରିଛନ୍ତି।

### ରାଇରଙ୍ଗପୁର ଡିଏଫ୍‌ଓଙ୍କ ପରଲୋକ

**ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ରାଇରଙ୍ଗପୁର(ମାନସ ମହାନ୍ତି),୩।୧୦**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବନଖଣ୍ଡର ଡିଏଫ୍‌ଓ ନଳିନୀକାନ୍ତ ବେହେରା(୪୬)ଙ୍କ ପରଲୋକ ଘଟିଛି। ଶ୍ୱାସ ଜନିତ ସମସ୍ୟାରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଡିଏଫ୍‌ଓ ବେହେରାଙ୍କ ଘର ଜଗତସିଂହପୁର ଜିଲା କୁଜଙ୍ଗ ଅଞ୍ଚଳରେ। ୨୦୨୧ ଜୁଲାଇ ୧୫ରେ ସେ ରାଇରଙ୍ଗପୁର ବନଖଣ୍ଡର



ଡିଏଫ୍‌ଓ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ରାଇରଙ୍ଗପୁର ଉପଖଣ୍ଡରେ ଆଦିବାସୀମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ସେଥିପାଇଁ ବନବିଭାଗ ପକ୍ଷରୁ ସେ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ହାତକୁ ନେଇ ବେଶ ପ୍ରଶଂସାର ପାତ୍ର ହୋଇପାରିଥିଲେ। ତେବେ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ଗତ ସେପ୍ଟେମ୍ବର ୧୬ରୁ ଛୁଟିରେ ଥାଇ ଭୁବନେଶ୍ୱରରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ସୋମବାର ରାତି ପ୍ରାୟ ୧.୨୦ ସମୟରେ ତାଙ୍କର ପରଲୋକ ଘଟିଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ରାଇରଙ୍ଗପୁର ବନ ବିଭାଗ କର୍ମଚାରୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

# ଜିଲା ଦାବିରେ ନୀଳଗିରି ୧୨ଘଣ୍ଟା ବନ୍ଦ

**ନୀଳଗିରି, ୩।୧୦(ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରିକୁ ଜିଲା ଦାବିରେ ମଙ୍ଗଳବାର ଜିଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୧୨ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ଏହି ଡାକରାକୁ ନୀଳଗିରିର ଜନସାଧାରଣ ସମର୍ଥନ ଦେବା ସହ ଦୋକାନ ବଜାର, ସମସ୍ତ ଅଫିସ୍ ବନ୍ଦ ଓ ଗାଡ଼ି ମୋଟର ଚଳାଚଳ ବନ୍ଦ ରହିଥିଲା।

ନୀଳଗିରିକୁ ସ୍ୱତନ୍ତ୍ର ଜିଲା ଘୋଷଣା ଦାବିରେ ବିଭିନ୍ନ ସମୟରେ ସରକାରଙ୍କ ଠାରେ ଦାବି ହୋଇଆସୁଛି। ଗତ ସେପ୍ଟେମ୍ବର ୧୬ତାରିଖରେ ଏନେଇ ଏକ ବିଶାଳ ଜନସମାବେଶରେ ନୀଳଗିରିକୁ ତୁରନ୍ତ ସରକାର ଜିଲା ଘୋଷଣା କରନ୍ତୁ ବୋଲି ଦୃଢ଼ ଦାବି ମଧ୍ୟ ହୋଇଥିଲା। ନୀଳଗିରି ଉପଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓଡ଼ିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ ହେଁ ସରକାରଙ୍କ ପକ୍ଷରୁ କୌଣସି ସକରାତ୍ମକ ପରିଣାମ ମିଳିପାରିଲା ନାହିଁ। ସ୍ୱାଧୀନ ଭାରତରେ ରାଜତନ୍ତ୍ରର ବିଲୋପ କରି ପ୍ରଥମ ଗଡ଼ଜାତ ରାଜ୍ୟ ଭାବେ ସ୍ୱାଧୀନ ଭାରତରେ ମିଶ୍ରଣ ସମୟରେ ନୀଳଗିରିକୁ



ନୀଳଗିରିରେ ବନ୍ଦ ପାଳନ।

ସ୍ୱତନ୍ତ୍ର ଅଧିକାର ମିଳିବ ବୋଲି ଚୁକ୍ତି ହୋଇଥିଲା। ଚୁକ୍ତି ଅନୁଯାୟୀ ନୀଳଗିରିକୁ ବିଶେଷ ଅଧିକାର ସ୍ୱରୂପ ଜିଲା ମାନ୍ୟତା ପାଇବାକୁ ହକ୍‌ଦାର ବୋଲି ନୀଳଗିରି ଜିଲା କ୍ରିୟାନୁଷ୍ଠାନ କମିଟି ଆବାହକ ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ମତବ୍ୟକ୍ତ କରିଛନ୍ତି। ସ୍ୱାଭିମାନୀ ନୀଳଗିରିବାସୀ ତାର ହକ୍ ପାଇଁ ଲଘୁଚାପଜନିତ ବର୍ଷାକୁ ଖାତିର ନ କରି ଜିଲା କ୍ରିୟାନୁଷ୍ଠାନ କମିଟିର ଆହ୍ୱାନରେ ମଙ୍ଗଳବାର ସକାଳ ୬ଟାରୁ ବନ୍ଦ ଡାକରା ଦିଆଯାଇଥିଲା। ସମସ୍ତ ଅଫିସ୍ ଓ ଦୋକାନ ବଜାର ବନ୍ଦ ଥିବା ବେଳେ ୧୯ନଂ. ରାଜ୍ୟ ରାଜପଥ ନୀଳଗିରି ବାଇପାସ୍ ଛକଠାରେ ରାସ୍ତା ଉପରେ ବହୁ ଯାନବାହନ ଅଟକି ରହିଥିଲା। ପୂର୍ବତନ ବିଧାୟକ ଷଡ଼ଙ୍ଗୀଙ୍କ ସମେତ ବାଉଁଶବଣିଆ ସରପଞ୍ଚ ନିରଞ୍ଜନ ବାରିକ, କମ୍ୟୁନିଷ୍ଟ ନେତା କୈଳାସ ଚନ୍ଦ୍ର ପଣ୍ଡା, ଶ୍ୟାମସୁନ୍ଦରପୁର ସରପଞ୍ଚ ପୁରୁଷୋତ୍ତମ ସେଠୀ, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ରାଧାଗୋବିନ୍ଦ ଖଟୁଆ, ମନୋରଞ୍ଜନ ବେହେରା, ଦୟାନିଧି ମିଶ୍ର, ବାଞ୍ଛାନିଧି ପାତ୍ର, ସୁରେଶ ବେହେରା, ପ୍ରଫୁଲ୍ଲ ବେହେରା, ଜଶବନ୍ତ ରାଉତ, ସୁଧାରଞ୍ଜନ ମହାପାତ୍ର, ଗଦାଧର ପରିଡ଼ା, କିଶୋର ଦାସ, କୃଷ୍ଣଚନ୍ଦ୍ର ନାୟକ, ଦେବେନ୍ଦ୍ର ପଣ୍ଡା ଓ ସୁରେଶ ଦାସ ପ୍ରମୁଖଙ୍କ ସମେତ ନୀଳଗିରି ଉପଖଣ୍ଡର ବିଭିନ୍ନ ପ୍ରାନ୍ତରୁ ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହିବା ସହ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆଗକୁ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି କମିଟି ଚେତାବନୀ ଦେଇଛି।

# ବେଆଇନ ନିଲାମ ବାତିଲରେ ବିଳମ୍ବ

## ବିଡିଓଙ୍କୁ ଭେଟିଲେ ଏସ୍‌ଏଚ୍‌ଜି ମହିଳା

**ତିହିଡ଼ି,୩।୧୦ (ସଞ୍ଜିତ ବଳ)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଗୋବିନ୍ଦପୁର ପଞ୍ଚାୟତ ଓରାଳିବିନ୍ଧା ଗ୍ରାମ ନିକଟସ୍ଥ ସାଲପୁର ଯୋରର ନିଲାମ କରାଯାଇଥିଲା। ଏହି ନିଲାମ ବେଆଇନ ହୋଇଥିଲେ ମଧ୍ୟ ବାତିଲ କରିବାରେ ପ୍ରଶାସନ ଟାଳଟୁଳ ନୀତି ଅବଲମ୍ବନ କରିଥିବା ଅଭିଯୋଗ ଆଣି ଗ୍ରାମର ମା’ ଦୁର୍ଗା ସ୍ୱୟଂସହାୟକ ଗୋଷ୍ଠୀର କର୍ମକର୍ତ୍ତାମାନେ ଅସନ୍ତୋଷ ପ୍ରକାଶ କରି ମଙ୍ଗଳବାର ବିଡିଓଙ୍କୁ ଭେଟିଛନ୍ତି। ବେଆଇନ ନିଲାମକୁ ବାତିଲ କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେମାନେ ଦାବି ଜଣାଇଛନ୍ତି।

ଅଭିଯୋଗ ଅନୁଯାୟୀ, ସାଲପୁର ଯୋରର ନିଲାମ ପାଇଁ ଗତ ୧୫ ତାରିଖରେ ବ୍ଲକ କାର୍ଯ୍ୟାଳୟରୁ ଚିଠି (ନଂ.୪୬୧୦) କରାଯାଇଥିଲା। ତଦନୁଯାୟୀ ମା’ ଦୁର୍ଗା ଏସ୍‌ଏଚ୍‌ଜିର କର୍ମକର୍ତ୍ତାମାନେ ନିଲାମ ସ୍ଥାନରେ ଉପସ୍ଥିତ ଥିଲେ। ମାତ୍ର ନିଲାମ ଅଧିକାରୀ ଏବଂ ସରପଞ୍ଚ ଅନୁପସ୍ଥିତ ଥିବାବେଳେ କେବଳ ପିଇଓ ଉପସ୍ଥିତ ଥିଲେ। ନିଲାମକୁ ବାତିଲ କରିବା ପରିବର୍ତ୍ତେ ପିଇଓ ଚଞ୍ଚକତା ପୂର୍ବକ ଅନ୍ୟ ଏକ ମହିଳା ଗୋଷ୍ଠୀ ନାଁରେ ନିଲାମର ରସିଦ୍ କାଟି ଦେଇଥିଲେ। ଏଥିରେ ଅସନ୍ତୋଷ ପ୍ରକାଶ କରି ମା ଦୁର୍ଗା ଏସ୍‌ଏଚ୍‌ଜି କର୍ମକର୍ତ୍ତାମାନେ ପିଇଓଙ୍କୁ ଅଟକ ରଖିଥିଲେ। ପରେ ବିଡିଓ ଜ୍ୟୋତିର୍ମୟ କର ଏଥିରେ ହସ୍ତକ୍ଷେପ କରିବାରୁ ସେମାନେ ପିଇଓଙ୍କୁ ଛାଡ଼ି ଦେଇଥିଲେ। ଘଟଣା ପରଦିନ ଅର୍ଥାତ୍ ୧୬ ତାରିଖରେ ଗୋଷ୍ଠୀର ସଭାନେତ୍ରୀ ସନ୍ଧ୍ୟାରାଣୀ ବଳ ବିଡିଓଙ୍କ ନିକଟରେ ଏନେଇ ଅଭିଯୋଗ କରି ନିଲାମକୁ ବାତିଲ କରିବା ସହ ପୁନଃ ନିଲାମ ପାଇଁ ଦାବି ଜଣାଇଥିଲେ। ଏହାମଧ୍ୟରେ ୧୭ ଦିନ ବିତିଯାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଇ ନାହିଁ। ଗୋଷ୍ଠୀର ସଭାନେତ୍ରୀଙ୍କ ସମେତ ସମ୍ପାଦିକା ମଞ୍ଜୁଲତା ବଳ, ମିନତିଲତା ବଳ, ସୁପ୍ରଭା ବଳ, ତାରାମଣି ବଳ, ପ୍ରେମଲତା ବଳ, କୁନିଲତା ବଳ, ମନୋରମା ବଳ, ଜାନକୀ ବଳ ଓ ପ୍ରମିଳା ବଳ ବିଡିଓଙ୍କୁ ଭେଟିଥିଲେ। ଉପଜିଲାପାଳଙ୍କୁ ଏ ସମ୍ପର୍କରେ ବିଡିଓ ଲିଖିତ ଭାବେ ଜଣାଇଥିବା କହିବା ସହ ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।



ବିଡିଓଙ୍କୁ ଭେଟିବାକୁ ଆସିଥିବା ଏସ୍‌ଏଚ୍‌ଜି ମହିଳାମାନେ।

# ମଞ୍ଚସ୍ଥ ହେଲା ନାଟକ ‘ସାଇବର ଭୂତ’

## ରୂପସାରେ ସାଇବର ସୁରକ୍ଷା ଅଭିଯାନ ରଥ

**ରୂପସା, ୩।୧୦(ବାଞ୍ଛାନିଧି ଦେ)**

ଓଡ଼ିଶା ପୋଲିସ ବିଭାଗ ଆନୁକୂଲ୍ୟରେ ବାଲେଶ୍ୱର ସଦର ବ୍ଲକ ରୂପସା ନୀଳମଣି ମହାବିଦ୍ୟାଳୟରେ ମଙ୍ଗଳବାର ସାଇବର ସୁରକ୍ଷା ଅଭିଯାନ ରଥର ଶୁଭାରମ୍ଭ ହୋଇଛି। ସମ୍ମିଳନୀ କକ୍ଷରେ ଆୟୋଜିତ ସଚେତନତା ସଭାରେ ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଅଧ୍ୟକ୍ଷତା କରି ସାଇବର ଅପରାଧ ରୋକିବା ଦିଗରେ ବାର୍ତ୍ତା ଦେଇଥିଲେ।

ମୁଖ୍ୟଅତିଥି ଭାବେ ବସ୍ତା ଏସ୍‌ଡିପିଓ ମାନସ କୁମାର ଦେଓ ରଥର ଶୁଭାରମ୍ଭ କରିବା ସହ ମୋବାଇଲରେ ଅଦରକାରୀ ଆପ୍‌ସ ଓ ଲିଙ୍କ୍ ବ୍ୟବହାର କ୍ଷେତ୍ରରେ ସଚେତନ ହେଲେ ସାଇବର ଅପରାଧ ରୋକିବା ସମ୍ଭବ ବୋଲି ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଏସ୍‌ପି ଅନୀଲ କୁମାର ପ୍ରଧାନ ଯୋଗଦେଇ ପିଲାଠୁ ବୁଢ଼ା, ଶିକ୍ଷିତଠୁ



କଳାକାରମାନେ ନାଟକ ପରିବେଷଣ କରୁଛନ୍ତି ।

ଅଶିକ୍ଷିତ ପର୍ଯ୍ୟନ୍ତ ସାଇବର ଅପରାଧର ଶୀକାର ହେଉଥିବାରୁ ସମସ୍ତେ ସଚେତନ ହେବା ଜରୁରୀ ବୋଲି କହିଥିଲେ। ରୂପସା ଥାନାଧିକାରୀ ସଚ୍ଚିଦାନନ୍ଦ ଗିରି ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମାନିତ ଅତିଥି ଜିଲା ପରିଷଦ ସଭ୍ୟ ସଞ୍ଜୟ କୁମାର ସେଠୀ, ବରିଷ୍ଠ ପ୍ରାଧ୍ୟାପକ ସରୋଜ କୁମାର ପାଣି ମଞ୍ଚାସୀନ ହୋଇ ଏହି ଅଭିଯାନ ମାଧ୍ୟମରେ ସମାଜରେ ସାଇବର ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଗୌରାଙ୍ଗ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଉପସ୍ଥାପକ ରାକେଶ ଗିରି ମଞ୍ଚ ସଂଯୋଜନା କରିଥିଲେ। ନୀଳମଣି ମହାବିଦ୍ୟାଳୟ, ଶାନ୍ତିଲତା ମହାବିଦ୍ୟାଳୟ ଓ ଯୋଗେନ୍ଦ୍ର ଆଞ୍ଚଳିକ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ସାଇବର ସୁରକ୍ଷା ସମ୍ପର୍କିତ କୁଇଜ ପ୍ରତିଯୋଗିତା ହୋଇଥିଲା। ପୋଲିସ ବିଭାଗ ପକ୍ଷରୁ ଏକ ସଚେତନତା ନାଟକ ‘ସାଇବର ଭୂତ’ ପରିବେଷଣ ହୋଇଥିଲା। ସଭାରେ ଏସ୍‌ଏଚ୍‌ଜି ମହିଳା, ପୁରାତନ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ, ଜନପ୍ରତିନିଧି ଓ ବହୁ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

### ଗାନ୍ଧୀ ଜୟନ୍ତୀରେ ରକ୍ତଦାନ ଶିବିର

**ଔପଦା, ୩।୧୦(ଧରିତ୍ରୀ ପଣ୍ଡା)**

ଔପଦା ଭାଜପା ମଣ୍ଡଳ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଅବସରରେ ରକ୍ତଦାନ ଶିବିର ସ୍ଥାନୀୟ ଡାକ୍ତରଖାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ସାମାଜିକ କର୍ମୀ ଅନ୍ତର୍ଯ୍ୟାମୀ ନାୟକ ଉଦ୍‌ଘାଟନ କରିଥିଲେ। ଶିବିରରେ ସ୍ଥାନୀୟ ଅଞ୍ଚଳର ଯୁବଗୋଷ୍ଠୀ ଉତ୍ସାହିତ ହୋଇ ରକ୍ତଦାନ କରିଥିବା ବେଳେ ୮୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ମୁଖ୍ୟଅତିଥି ବିଧାୟକ ଇଂ. ନାୟକ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିବା ବେଳେ ଔପଦା ଭାଜପା ମଣ୍ଡଳ ସଭାପତି ଲକ୍ଷ୍ମୀକାନ୍ତ ବେହେରା, ସମିତିସଭ୍ୟ ଭାଗବତ ଖିଲାର, ଯୁବନେତା ପର୍ଶୁରାମ ଲେଙ୍କା, ହରିହର ମହଲା, ବିନିୟ କୁମାର ପଟ୍ଟନାୟକ, ଉଦୟ କୁମାର ଦାଶ, ସରୋଜ ନାୟକ, ପ୍ରମୋଦ ବେହେରା, ରାଜେନ୍ଦ୍ର ଜେନା, ଶାନ୍ତିଲତା ଲେଙ୍କା, ଜିତେନ୍ଦ୍ର ବିଶ୍ୱାଳ, ଈଶ୍ୱର ସାମଲ, ବିକ୍ରମ କେଶରୀ ପାତ୍ର, ଅଜୟ ପ୍ରଧାନ ପ୍ରମୁଖ ଭାଜପାର ଯୁବ ନେତୃତ୍ୱମାନେ ପରିଚାଳନାରେ ସହଯୋଗ କରିଥିଲେ।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

**ଖୁଣ୍ଟା,୩।୧୦(ଦେବରଞ୍ଜନ ବେହେରା)**

ଖୁଣ୍ଟାସ୍ଥିତ କୃଷକ ମହାସଂଘ କାର୍ଯ୍ୟାଳୟଠାରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। କୃଷକ ମହାସଂଘର ଜିଲା ସଭାପତି କମଳାକାନ୍ତ ମହାକୁଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କୋଷାଧ୍ୟକ୍ଷ ଜୟଦୀପ ସାହୁ, ଉପ ସଭାପତି ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅମର ସିଂ ସୋରେନ, କୁଶଳଦା ପଞ୍ଚାୟତ ସଭାପତି ପରମାନନ୍ଦ ବେହେରା, ସନ୍ୟାସୀ ବାରିକଙ୍କ ସମେତ ଖୁଣ୍ଟା ଓ ଗୋପବନ୍ଧୁ ନଗର ବ୍ଲକ ଅଧୀନ ବିଭିନ୍ନ ଅଞ୍ଚଳରୁ ସଂଗଠନର ସଭ୍ୟ ଓ ଅବସରପ୍ରାପ୍ତ ସେନାକର୍ମଚାରୀ ସଂଘର କର୍ଣ୍ଣେଲ ଏ.କେ ଦାସ ଓ ପରଶେ୍ୱର ମହାନ୍ତଙ୍କ ସହ ଅନ୍ୟ ଅବସରପ୍ରାପ୍ତ ସେନାକର୍ମଚାରୀମାନେ ଯୋଗ ଦେଇଥିଲେ। ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ସହ ସ୍ୱଚ୍ଛତା ହିଁ ସେବା ସମ୍ପର୍କରେ ଆଲୋକପାତ କରିଥିଲେ। ପରବର୍ତ୍ତୀ ସମୟରେ କୃଷକ ମହାସଂଘ ଓ ଅବସରପ୍ରାପ୍ତ ସେନାକର୍ମଚାରୀ ସଂଘର ସଦସ୍ୟମାନେ କାର୍ଯ୍ୟାଳୟରୁ ଏକ ସଭା ଯାତ୍ରାରେ ବାହାରି ଉଦଳା- ଖୁଣ୍ଟା -ପୁରୁଣାପାଣି ରାଜ୍ୟ ରାଜପଥର ବ୍ଲକ ଛକଠାରୁ ବିଦ୍ୟୁତ୍ କାର୍ଯ୍ୟାଳୟ ଛକ ପର୍ଯ୍ୟନ୍ତ ସଫେଇ କରିବା ସହ ଛକରେ ଉପସ୍ଥିତ ଥିବା ଜନସାଧାରଣ ଓ ବ୍ୟବସାୟୀମାନଙ୍କୁ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ନିବେଦନ କରିଥିଲେ।

# ଲକ୍ଷ୍ମୀମନ୍ଦିର ହୁଣ୍ଡି ତାଡ଼ି ଚୋରି

**କେନ୍ଦୁଝର, ୩।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ସହର କାଶିପୁର ନିକଟ ଲକ୍ଷ୍ମୀମନ୍ଦିରରୁ ସୋମବାର ଦୁର୍ବୃତ୍ତମାନେ ହୁଣ୍ଡି ତାଡ଼ି ଟଙ୍କା ଓ ସୁନା ଚୋରି କରିନେଇଛନ୍ତି। ଦୁର୍ବୃତ୍ତମାନେ ମନ୍ଦିର ପରିସରରେ ଥିବା ହୁଣ୍ଡି ବାହାରକୁ ନେଇ ମନ୍ଦିର ତଳେ ପକାଇ ଏହାକୁ ଭାଙ୍ଗି ସେଥିରେ ଥିବା ଟଙ୍କା ଓ ସୁନା ଅଳଙ୍କାର ନେଇଯାଇଛନ୍ତି।

ମନ୍ଦିର ପ୍ରତିଷ୍ଠା ହେବା ଦିନଠାରୁ ୧ବର୍ଷରୁ ଊର୍ଦ୍ଧ୍ୱ ହେଲା ଏହି ହୁଣ୍ଡି ଖୋଲାଯାଇ ନ ଥିଲା। ଏଣୁ ସେଥିରେ କେତେ ଟଙ୍କା ଓ ସୁନା ଥିଲା ତାହା ଜଣାପଡ଼ିନାହିଁ। ଏନେଇ ଲକ୍ଷ୍ମୀପୂଜା କମିଟି ସମ୍ପାଦକ କୁମର ସେନାପତି ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ



ଘଟଣାର ତଦନ୍ତ ଚଳାଇଛି। ସୂଚନାଥାଉ କି, ଗତମାସ କେନ୍ଦୁଝର ସହରରେ ୧୦ରୁ ଊର୍ଦ୍ଧ୍ୱ ଦୋକାନ ଓ ଘରୁ ଚୋରି ହୋଇଥିବା ବେଳେ ଚୋର ଧରାପଡୁ ନ ଥିବାରୁ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି।

### ବାଇକ୍ ଧକ୍କାରେ ଜୀବନ ଗଲା

**ପାଟଣା,୩।୧୦(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ଦେଇ ଯାଇଥିବା ୪୯ନଂ. ମୁମ୍ବାଇ-କୋଲକାତା ଜାତୀୟ ରାଜପଥର ତୁରୁମୁଙ୍ଗା ଥାନା ନିକଟରେ ସୋମବାର ବିଳମ୍ବିତ ରାତିରେ ବାଇକ୍‌ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ସଦର ଥାନା କେନ୍ଦୁଆ ଗ୍ରାମର ନକୁଳ ନାଏକ। ସେ ତୁରୁମୁଙ୍ଗା ଥାନା ତ୍ରିବିନ୍ଧା ଗ୍ରାମର ପ୍ରଫୁଲ୍ଲ ନାଏକଙ୍କ ମୃତ୍ୟୁ ପରେ ଶୁଦ୍ଧକ୍ରିୟା କାର୍ଯ୍ୟରେ ଯୋଗଦେବାକୁ ଆସିଥିଲେ। ଶୁଦ୍ଧିକ୍ରିୟାରେ ଯୋଗଦେଇ ସମ୍ପର୍କୀୟଙ୍କ ଘର ଡୁମୁରିଗୁଡ଼ାକୁ ଚାଲିଚାଲି ଯାଇ ରାସ୍ତା ପାର୍ ହେଉଥିବା ସମୟରେ ଏକ ବାଇକ୍ ପଛପାର୍ଶ୍ୱରୁ ଆସି ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଦୁର୍ଘଟଣା ଘଟାଇଥିବା ବାଇକ୍‌କୁ ଜବତ କରି ତଦନ୍ତ ଜାରି ରଖିଛି।

# ରେମୁଣାରେ ଶୌର୍ଯ୍ୟ ଜାଗରଣ ରଥକୁ ସ୍ୱାଗତ

**ରେମୁଣା, ୩।୧୦(ରବୀନ୍ଦ୍ର ମହାକୁଡ଼)**

ବିଶ୍ୱ ହିନ୍ଦୁ ପରିଷଦ ବଜରଙ୍ଗ ଦଳ ତରଫରୁ ଶୌର୍ଯ୍ୟ ଜାଗରଣ ରଥକୁ ରେମୁଣା ଗୋଲେଇଠାରେ ସ୍ୱାଗତ କରାଯାଇ ମନ୍ଦିର ଛକ, ରେମୁଣା ବଜାର, ହାତିଆ ଗଣ୍ଡ ଛକ, ବାଲିପାଳ ଛକରେ ପଥପ୍ରାନ୍ତ ସଭା ଆୟୋଜନ ହୋଇଥିଲା।

ରଥ ସ୍ୱାଗତ ଓ ପରିକ୍ରମା କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ଡା. ଶ୍ରୀମାଧବ ସେଠୀ, ଡ. ଲକ୍ଷ୍ମୀକାନ୍ତ ମହାରଣା, ଭଗବାନ ଦାସ ଖଣ୍ଡେଲୱାଲ, ବିଶ୍ୱ ହିନ୍ଦୁ ପରିଷଦର ଜିଲା ସମ୍ପାଦକ ବାଦଲ କର, ବଜରଙ୍ଗ ଦଳ ଜିଲା ସଭାପତି ଜିତେନ୍ଦ୍ର ବେହେରା, ଡମ୍ବରୁଧର ମହାପାତ୍ର, ହେମନ୍ତ ଦାସ, କସ୍ତୁରୀ ସରକାର, ସୁସନ୍ଧ୍ୟା ପାତ୍ର, ବିପିନ ପଣ୍ଡା, ରାଜେନ୍ଦ୍ର ଦାସ, ପ୍ରସନ୍‌ଜିତ ଦାସ, ରମେଶ ଜେନା, ମହେଶ





ଶୌର୍ଯ୍ୟ ଜାଗରଣ ରଥକୁ ସ୍ୱାଗତ ।

ଦାସ, ନୟନ ଦାସ, ଗୌରାଙ୍ଗ ସେଠୀ ପ୍ରମୁଖ ସନାତନ ଧର୍ମ ରକ୍ଷା ନିମନ୍ତେ ହିନ୍ଦୁମାନଙ୍କ ଏକତା, ମତ ପନ୍ଥ ସବୁ ମିଶି ସଂଗଠିତ ହେବା ପାଇଁ ନିଜ ବକ୍ତବ୍ୟରେ ଉଲ୍ଲେଖ କରିବା ସହ ଯୁବକମାନଙ୍କ ଶୌର୍ଯ୍ୟ, ବୀରତା ପାଇଁ ଶିବାଜୀ, ସୁବାଷ ବୋଷ, ପୃଥ୍ୱୀରାଜ, ବିବେକାନନ୍ଦ, ବାଘାଯତୀନ ଆଦି ମହାପୁରୁଷମାନଙ୍କ ଉଦାହରଣ ଓ ପ୍ରେରଣାପ୍ରଦ ଜୀବନୀ ଉପରେ ଆଲୋକପାତ କରି ଉପସ୍ଥିତ ଶତାଧିକ ଯୁବକମାନଙ୍କ ମଧ୍ୟରେ ଶକ୍ତି ଉନ୍ମାଦ ପ୍ରେରଣା ପ୍ରଦାନ କରିଥିଲେ।

# ଆଗରପଡ଼ାରେ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ

## ବିଭିନ୍ନ ପ୍ରକଳ୍ପର ତଦାରଖ

**ଆଗରପଡ଼ା, ୩।୧୦(ସୁଶାନ୍ତ କୁମାର ଦାଶ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀ ଅଧୀନ ଆଗରପଡ଼ା ବଜାରରେ ବିଜେଡିର ଏକ କାର୍ଯ୍ୟାଳୟ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଏମ୍‌ପିଙ୍କ ପ୍ରତିନିଧି ମୁକ୍ତିକାନ୍ତ ମଣ୍ଡଳ ଏବଂ ବିଧାୟକଙ୍କ ପ୍ରତିନିଧି ପ୍ରୟାସକାନ୍ତି ସାମଲଙ୍କ ଉପସ୍ଥିତିରେ ବରିଷ୍ଠ ନାଗରିକ ତଥା ସାମାଜିକ କର୍ମୀ ନୃସିଂହ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ପରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ସହ ଦଳକୁ ଅଧିକ ସୁଦୃଢ଼ କରିବା ପାଇଁ ଉଭୟ ପ୍ରତିନିଧି ପରାମର୍ଶ ଦେଇଥିଲେ। ସେମାନେ ବିଭିନ୍ନ ପ୍ରକଳ୍ପ ବୁଲି ତଦାରଖ କରିବା ସହ ତୁରନ୍ତ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଯେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ପୁରୁଷଣ୍ଡ ସେବା ସମବାୟ ସମିତି ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଦାଶ, ଯୁବ ବିଜେଡିର ବ୍ଲକ ସଭାପତି ସତ୍ୟସାଧନ ବେଜ, ପୁରଷଣ୍ଡ ସରପଞ୍ଚ ପ୍ରକାଶ କୁମାର ବିଶ୍ୱାଳ, ସମିତିସଭ୍ୟ ପ୍ରତିନିଧି ଦୀପକ ଜେନା, ବିଟିପୁର ସରପଞ୍ଚ ପ୍ରତିନିଧି ସପନ କୁମାର ସିଂହ, ସମିତିସଭ୍ୟ ପ୍ରତିନିଧି ବସନ୍ତ କୁମାର ପତି, ବଡ଼ମହିଷଗୋଠ ସରପଞ୍ଚ ପ୍ରତିନିଧି ଦୀପକ କୁମାର ମହାନ୍ତି, ଅଶୋକ କୁମାର ପାଣିଗ୍ରାହୀ, ଜଇନୁଲ ଆବେଦିନ, ଧରଣୀଧର ପୃଷ୍ଟି, ଧରଣୀଧର କର, ଭିକ୍ଷେଶ୍ୱର ଦାଶ, ଜିତେନ୍ଦ୍ର କୁମାର ଶତପଥୀ, ହିମାଦ୍ରି ମହାନ୍ତି ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ।



ଏମ୍‌ପି ପ୍ରତିନିଧି ମୁକ୍ତିକାନ୍ତ ମଣ୍ଡଳ ଓ ବିଧାୟକ ପ୍ରତିନିଧି ପ୍ରୟାସକାନ୍ତି ସାମଲ ପ୍ରକଳ୍ପ ବୁଲି ଦେଖୁଛନ୍ତି।

# ନର୍ଦ୍ଦମା ପାଣିରେ ମୂର୍ତ୍ତି ବିସର୍ଜନ

## ବଢୁଛି ଜନ ଅସନ୍ତୋଷ

**ଯୋଡ଼ା,୩।୧୦(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ସହରର ବିଭିନ୍ନ ସ୍ଥାନରେ ହେଉଥିବା ମୃଣ୍ମୟୀ ମୂର୍ତ୍ତିର ବିସର୍ଜନ ପାଇଁ ସୁନା ନଦୀ ଅବବାହିକା ଆମ୍ବ ବାଗାନଠାରେ ଏକ କୃତ୍ରିମ ପୋଖରୀ କରାଯାଇଛି। ଏହି ପୋଖରୀରେ ପ୍ରତିବର୍ଷ ଠାକୁରଙ୍କ ମୂର୍ତ୍ତି ବିସର୍ଜନ କରାଯାଇଥାଏ। ତେବେ ଏହି ପୋଖରୀକୁ ସିଧାସଳଖ ନର୍ଦ୍ଦମା ପାଣି ପ୍ରବେଶ କରୁଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଆମ ବାଗାନ କଲୋନୀ ଉପର ମୁଣ୍ଡରୁ ଅବର୍ଜନା ପାଣି କୃତ୍ରିମ ପୋଖରୀକୁ ଆସିବା ସମ୍ପର୍କରେ ଅଭିଯୋଗ କରି ଭାଜପା ଯୋଡ଼ା ନଗର ସଭାପତି ସୁଶାନ୍ତ କୁମାର ବେବର୍ତ୍ତା ଓ ଉପସଭାପତି ପାର୍ଥ ସାରଥୀ ଷଡ଼ଙ୍ଗୀ କହିଛନ୍ତି ଯେ, ବିସର୍ଜନ ପାଇଁ ଖୋଳା ଯାଇଥିବା କୃତ୍ରିମ ପୋଖରୀରେ ନର୍ଦ୍ଦମା ପାଣି ମିଶିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ଏହା ହିନ୍ଦୁମାନଙ୍କ ଆସ୍ଥା ଓ ବିଶ୍ୱାସ ପ୍ରତି କୁଠାରଘାତ ସଦୃଶ।



ଡ୍ରେନ ପାଣି ମିଶିବା ପରେ ଆବର୍ଜନା ପୂର୍ଣ୍ଣ ହୋଇପଡ଼ିଥିବା କୃତ୍ରିମ ପୋଖରୀ।

ଏଥିପ୍ରତି ପୌରପାଳିକା ଦୃଷ୍ଟି ଦେବା ଉଚିତ। ନର୍ଦ୍ଦମା ପାଣି ନଦୀରେ ମିଶିବା ପୂର୍ବରୁ ଏକ ସ୍ଥାନରେ ଗାତ କରି ତାହାକୁ ବିଶୋଧନ ପ୍ରକ୍ରିୟା ପରେ ନଦୀରେ ଛାଡ଼ିବା ପାଇଁ ପୌରପାଳିକା ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଭାଜପା ନେତା ଦ୍ୱୟ ଦାବି କରିଛନ୍ତି। ଏ ନେଇ ପୌରପାଳିକା କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭକ୍ତବନ୍ଧୁ ମହାନ୍ତଙ୍କୁ ପଚାରିବାରୁ ମୂର୍ତ୍ତି ବିସର୍ଜନ ପାଇଁ ନିର୍ମିତ କୃତ୍ରିମ ପୋଖରୀକୁ ବେଳେବେଳେ ସଫା କରାଯାଉଛି। ତେବେ ବର୍ଷା ଦିନ ଥିବାରୁ ବର୍ତ୍ତମାନ ସଫା କରାଯାଇ ପାରୁନାହିଁ। ଖରା ଦିନ ଆସିଲେ ତାହାର ପୁନରୁଦ୍ଧାର କରାଯାଇ ଡ୍ରେନ ପାଣିକୁ ଅନ୍ୟତ୍ର ଛାଡ଼ିବା ଲାଗି ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ଉକ୍ତ ପୋଖରୀରେ ଡ୍ରେନ ପାଣି ମିଶୁଥିବାରୁ ପରିବେଶ ଦୁର୍ଗନ୍ଧମୟ ହେବା ସହିତ ମଶା ବଂଶ ମଧ୍ୟ ବୃଦ୍ଧି ପାଉଛନ୍ତି। ଏଣୁ ଶୀଘ୍ର ପ୍ରତିକାର ବ୍ୟବସ୍ଥା କରି ପୋଖରୀକୁ ସଫା କରିବା ପାଇଁ ୱାର୍ଡନଂ.୫ର ଜନସାଧାରଣ ଦାବି କରିଛନ୍ତି। ଯଥାଶୀଘ୍ର ପୋଖରୀର ପୁନରୁଦ୍ଧାର କରିବା ପାଇଁ ଯୋଡ଼ା ବିକାଶ ପରିଷଦ ସଭାପତି ନିରଞ୍ଜନ ବହିଦାର ଦାବି କହିଛନ୍ତି।

**ପେଟ୍ରୋଲ ବଦଳରେ ପାଣି ବାହାରିବାରୁ ଉତ୍ତେଜନା**

ବାଲେଶ୍ୱର, (ମାନସ ବିଶ୍ୱାଳ): ବାଲେଶ୍ୱର ଜିଲା ରେମୁଣା କଲେଜ ନିକଟରେ ଥିବା ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପରୁ ପେଟ୍ରୋଲ ବଦଳରେ ପାଣି ବାହାରୁଥିବାରୁ ଗ୍ରାହକମାନେ ଜାଣିପାରି ଉତ୍ତେଜନା ସୃଷ୍ଟି କରିଥିଲେ । ଫଳରେ ପେଟ୍ରୋଲ ପମ୍ପ ମାଲିକ ପମ୍ପକୁ ବନ୍ଦ କରି ଦେଇଥିଲେ । ପେଟ୍ରୋଲ ପକାଇଥିବା ଗ୍ରାହକମାନେ ଦୀର୍ଘ ସମୟ ଧରି ପେଟ୍ରୋଲ ପମ୍ପ କାର୍ଯ୍ୟାଳୟ ଆଗରେ ଉତ୍ତେଜନା ଜାରି ରଖିଥିବା ବେଳେ ପମ୍ପ ମାଲିକ କାର୍ଯ୍ୟାଳୟ ଭିତରୁ ବାହାରକୁ ଆସି ନ ଥିଲେ । ଅନ୍ୟପଟେ ଗ୍ରାହକମାନେ ମୋଟର ସାଇକେଲ ଖରାପ ଦର୍ଶାଇ କ୍ଷତିପୂରଣ ପାଇଁ ଅଡ଼ି ବସିଥିବା ଦେଖିବାକୁ ମିଳିଥିଲା ।

## ସଂକ୍ଷେପରେ

### ଦୋଷୀଙ୍କୁ ୭ବର୍ଷ ଜେଲ

**ନାବାଳିକା ଅପହରଣ, ବଳାତ୍କାର ଓ ବାଲ୍ୟବିବାହ ମାମଲା**

ବାରିପଦା,୩।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ମଙ୍ଗଳବାର ଏକ ନାବାଳିକା ଅପହରଣ, ବଳାତ୍କାର ଓ ବାଲ୍ୟ ବିବାହ ଅପରାଧ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସୁମିତା ଜେନା ଏହାର ବିଚାର କରି ଅଭିଯୁକ୍ତଙ୍କୁ ୭ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ୧୩ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୪ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବୈଶିଙ୍ଗା ଥାନା ଅଧୀନ ଶାଳଗାଁ ଅଞ୍ଚଳର ଗୋପାଳ ଚନ୍ଦ୍ର ମହାଳିକ(୨୮)। ପ୍ରମାଣ ଅଭାବରୁ ମାମଲାରେ ଜଡ଼ିତ ଥିବା ଗୋପାଳଙ୍କ ପିତା ତ୍ରିଲୋଚନ ଓ ଭଉଣୀ ରୁନୀ ଜେନାଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରି ଦେଇଛନ୍ତି। ଏହା ବ୍ୟତିତ ପୀଡିତା ନାବାଳିକାଙ୍କୁ କ୍ଷତିପୂରଣ ବାବଦରେ ୨ଲକ୍ଷ ୫୦ହଜାର ଟଙ୍କା ସହାୟତା ଦେବାକୁ ଜିଲା ଆଇନ ସହାୟତା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାକୁ ସରକାରୀ ଆଇନଜୀବୀ ଅଭିନ୍ନ କୁମାର ପଟ୍ଟନାୟକ ପରିଚାଳନା କରିଥିଲେ ।

### ଲୁହାପ୍ଲେଟ୍ ଚୋରି ଘଟଣାରେ ୩ ଗିରଫ

ସୋର, ୩।୧୦(ଜନ୍ମେଜୟ ମିଶ୍ର)

ସୋର ବ୍ଲକ ଗୋପୀନାଥପୁର ପଞ୍ଚାୟତ ମଙ୍ଗଳପୁରରେ କେନାଲ କାମ ଚାଲୁଥିବା ବେଳେ ସେଠାରୁ ଲୁହାପ୍ଲେଟ ଚୋରି ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଗ୍ରାମ ନିକଟରେ କେନାଲ ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ସେଠାରୁ କିଛି ଲୁହା ପ୍ଲେଟ ଚୋରି ହୋଇଥିବା ନେଇ ସେଠାରେ କାର୍ଯ୍ୟରତ ସିକ୍ୟୁରିଟି ସୁପରଭାଇଜର ଜୟନ୍ତ ମହାନ୍ତି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ ପୋଲିସ ଏକ ମାମଲା(ନଂ. ୬୪୦/୨୩) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଥିବା ରାଇପିତାମ୍ବର ଗ୍ରାମର ନରହରି ପଣ୍ଡା, ଜୟନ୍ତ ଜେନା ଏବଂ ମଙ୍ଗଳପୁର ଗ୍ରାମର ଶ୍ରୀକାନ୍ତ ଗୋଛାୟତଙ୍କୁ ଗିରଫ କରିଥିବା ବେଳେ ଅପରାହ୍ନରେ ଡାକ୍ତରୀମାଇନା ପରେ କୋର୍ଟଚାଲାଣ କରିଛି। ପୋଲିସ ସେମାନଙ୍କ ନିକଟରୁ ଚୋରି ସାମଗ୍ରୀ ଉଦ୍ଧାର କରିଥିବା ବେଳେ ଚୋରିରେ ବ୍ୟବହୃତ ଅଟୋକୁ ଜବତ କରିଛି।

### ସାପ କାମୁଡାରେ ଛାତ୍ର ମୃତ

ସୋର, ୩।୧୦ (ଜନ୍ମେଜୟ ମିଶ୍ର)

ସୋର ବ୍ଲକ ମାଣିପୁର ପଞ୍ଚାୟତ ରଣପୁର ଗ୍ରାମର ଜଣେ ୮ମ ଶ୍ରେଣୀର ଛାତ୍ର ନିଖିଲ ମହାନ୍ତି (୧୩) ସାପ କାମୁଡାରେ ପ୍ରାଣ ହରାଇଛନ୍ତି। ସେ ଦନ୍ତୋର ଉଚ୍ଚ ବିଦ୍ୟାଳୟରେ ପଢୁଥିଲେ। ତେବେ ନୂଆ କରି ତାଙ୍କର ଘର କାମ ଚାଲିଥିବାରୁ ଘର ପାଖକୁ ଲାଗି ଏକ ପଲା ଘରେ ସୋମବାର ବିଳମ୍ବିତ ରାତିରେ ସପରିବାର ଶୋଇଥିଲେ। ବିଳମ୍ବିତ ରାତିରେ ଶୋଇଥିବା ଅବସ୍ଥାରେ ଏକ ବିଷଧର ସାପ ତାଙ୍କ ଗୋଡକୁ କାମୁଡିଥିଲା। ଏହା ଜାଣିବା ପରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋର ପୋଲିସ ଡାକ୍ତରଖାନାରେ ପହଞ୍ଚି ଏକ ମାମଲା(ନଂ. ୬୯/୨୩) ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରବାର ଲୋକଙ୍କୁ ହସ୍ତାନ୍ତର କରିଛି।

### କବାଡ଼ିଆ ଦୋକାନରେ ପୋଲିସର ଚଢ଼ାଉ

ଧାମନଗର,୩।୧୦(ଦେବେନ୍ଦ୍ର ଆନ୍ଦିଆ)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଞ୍ଚଳରେ ଦିନକୁ ଦିନ ଛତୁ ଫୁଟିଲା ଭଳି କବାଡ଼ିଆ ଦୋକାନ ଖୋଲି ଉଠିଛି। ଖୋଲାଯାଉଥିବା କବାଡ଼ିଆ ଦୋକାନଗୁଡ଼ିକରେ ବିଭିନ୍ନ ସାମଗ୍ରୀ ବେଆଇନ ତଥା ଚୋରା କାରବାର ରୀତିମତ ଚାଲିଥିବା ଅନେକ ସମୟରେ ଅଭିଯୋଗ ହେଉଛି। ମଙ୍ଗଳବାର ପୂର୍ବାହ୍ନରେ ଧାମନଗର ଥାନା ସମ୍ମୁଖରୁ ମାତ୍ର ୧୦୦ ମିଟର ଦୂରରେ ଥିବା ଏକ କବାଡ଼ିଆ ଦୋକାନରେ ପୋଲିସ ଚଢ଼ାଉ କରିଛି। ଗ୍ୟାସ୍ କଟର ଜବତ ସହ ୨ ଜଣଙ୍କୁ ପୋଲିସ ଥାନାରେ ଅଟକ ରଖିଛି। ତେବେ ରଫାଦଫା ପାଇଁ ଉଦ୍ୟମ ଚାଲିଥିବାରୁ ମାମଲା ରୁଜୁ ହୋଇ ନ ଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଧାମନଗର ଥାନା ଆଇଆଇସି ଫନିନ୍ଦ୍ର ଭୂଷଣ ନାୟକଙ୍କୁ ପଚାରିବାରୁ ଏହା ମିଥ୍ୟା କହିବା ସହ ଭେରିଫିକେସନ ଚାଲିଛି ବୋଲି କହିଥିଲେ।

# ବାଲେଶ୍ୱରରେ ନାଇଜେରିଆ ସରକାରୀ ଅଧିକାରୀ

**ଚାଉଳ ସଂରକ୍ଷଣ ଇକୋ ସିଷ୍ଟମ ପରିଦର୍ଶନ କଲେ**

ବାଲେଶ୍ୱର, ୩।୧୦(ମାନସ ବିଶ୍ୱାଳ)



ବାଲେଶ୍ୱର ଜିଲା ଗସ୍ତରେ ଆସି ଚାଉଳ ସଂରକ୍ଷଣ ଇକୋ ସିଷ୍ଟମ ପରିଦର୍ଶନ କରିଛନ୍ତି ନାଇଜେରିଆର ୧୩ଜଣ ସରକାରୀ ଅଧିକାରୀ। ତାଙ୍କ ସହିତ ସ୍ଥାନୀୟ ଶିଳ୍ପପତିଙ୍କୁ ନେଇ ଗଠିତ ହାଇ ପ୍ରୋଫାଇଲ୍ ପ୍ରତିନିଧି ସାମିଲ୍ ଥିଲେ।

ଓଡ଼ିଶାର ଚାଉଳ ସଂରକ୍ଷଣ ଇକୋ ସିଷ୍ଟମ୍ ଦେଖିବା ପାଇଁ ଏସ୍‌ଏସ୍ ଏଗ୍ରି ବିଜନେସ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଗୁଲାବ ଅଏଲ ଇଣ୍ଡଷ୍ଟ୍ରିଜକୁ ନାଇଜେରିଆ ଅଧିକାରୀ ଓ ପ୍ରତିନିଧି ଦଳ ପରିଦର୍ଶନ କରିଥିଲେ। ଏହି ପ୍ରତିନିଧି ଦଳ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଓଡ଼ିଶା ମୁଖ୍ୟ ମୋନା ଜେଠୱା, ମୁଖ୍ୟ ସିଏସଓ ବାଲେଶ୍ୱର ନିରୋଦ ରଞ୍ଜନ ଦାସ, ଅତିରିକ୍ତ ସିଏସ୍‌ଓ ଅଜୟ କୁମାର ମଲିକ ଏବଂ ଏସିଏସ୍‌ଓ ବାଲେଶ୍ୱର ହିମାଂଶୁ ଭୂଷଣ ସାହୁଙ୍କୁ ସ୍ୱାଗତ କରାଯାଇଥିଲା। ଗସ୍ତରେ ଆସିଥିବା ନାଇଜେରିଆ ଅଧିକାରୀମାନେ ଚାଉଳ ଯୋଗାଣର ପୁଷ୍ଟିକର ମୂଲ୍ୟ ବୃଦ୍ଧି ପାଇଁ ନାଇଜେରିଆରେ ସମାନ ଆଭିମୁଖ୍ୟକୁ ଗ୍ରହଣ ତଥା କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଓଡ଼ିଶାର ଚାଉଳ ସଂରକ୍ଷଣ କ୍ଷେତ୍ରରେ ନିୟୋଜିତ ଅଭିନବ ରଣନୀତି, ପ୍ରଯୁକ୍ତିବିଦ୍ୟା ଏବଂ ଅଭ୍ୟାସ ବିଷୟରେ ମୂଲ୍ୟବାନ ଜ୍ଞାନ ଆହରଣ କରିଥିଲେ। ନିର୍ଦ୍ଦେଶକ ଚୁନି ଲାଲ ଗୁପ୍ତା, ରାଜେନ୍ଦ୍ର କୁମାର ଗୁପ୍ତା ଏବଂ ମୟୂର ଗୁପ୍ତା ନାଇଜେରିଆ ପ୍ରତିନିଧିମାନଙ୍କୁ ଅତ୍ୟାଧୁନିକ କାରଖାନାରେ ବୁଲାଇ ଦେଖାଇଥିଲେ। କାରଖାନାରେ ଅତ୍ୟାଧୁନିକ ସଂରକ୍ଷଣ ପ୍ରକ୍ରିୟା ଏବଂ ପୁଷ୍ଟିକର ଚାଉଳ ଯୋଗାଣକୁ ନେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

## ଅଧିକାର ପାଇଁ ଜିଲାପାଳଙ୍କୁ ଦାବିପତ୍ର

କେନ୍ଦୁଝର,୩।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

**ପାଉଡ଼ି ଭୂୟାଁ ଜନଜାତି ସମାଜ ଦାବିକଲା ଆବାସସ୍ଥଳୀ ମାନ୍ୟତା**

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଆଦିମ ଜାତି ପାଉଡ଼ି ଭୂୟାଁ ଜାତିସମାଜର ପ୍ରତିନିଧି ତଥା ପୀଢ ମୁଖିଆମାନେ ଅଧିକାର ପାଇଁ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ମଙ୍ଗଳବାର ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିରରେ ଏ ସମ୍ପର୍କିତ ନଥିପତ୍ର ସହ ଜିଲାପାଳଙ୍କୁ ଅବଗତ କରିଛନ୍ତି। ପାଉଡ଼ି ଭୂୟାଁ ଜନଜାତି ବସବାସ କରୁଥିବା ଡେରେଙ୍ଗ ପୀଢ ଅଞ୍ଚଳ ୨୮ ଗ୍ରାମର ଲୋକେ ଆବାସସ୍ଥଳୀ ଅଧିକାର ପାଇଁ ଉଦ୍ୟମ କରି ଆସୁଛନ୍ତି। ୩ ବର୍ଷ ହେଲା ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ଆର୍‌ସିଡିସିର ସହାୟତା ଓ ବନବାସୀ ଚେତନା ମଣ୍ଡଳ ସହଯୋଗରେ ଜାତିସମାଜ ଦାବି ଉପସ୍ଥାପନ କରିଆସୁଛି।

ଏକଦା ଜଙ୍ଗଲ ସୁରକ୍ଷା ଆଇନ ବଳରେ ସେମାନଙ୍କୁ ଜବରଦଖଲ କାରୀ ଆଖ୍ୟା ଦେଇ ସେମାନଙ୍କ ଆବାସସ୍ଥଳରୁ ବିତାଡିତ କରାଯାଉଥିଲା। ପରବର୍ତ୍ତୀ ସମୟରେ ସେମାନଙ୍କୁ ଜଙ୍ଗଲ ଜମିର ଅଧିକାର ଦିଆଗଲା। ଏଥିପାଇଁ ସେମାନେ ଆବେଗର ସହ ଆବେଦନ କରି ଅଧିକାର ଦାବି କଲେ। ପରବର୍ତ୍ତୀ ସମୟରେ ସେମାନେ ବ୍ୟକ୍ତିଗତ ଓ କାଁଭାଁ ଗୋଷ୍ଠୀଗତ ଅଧିକାର ପାଇଲେ, କିନ୍ତୁ ଆବାସସ୍ଥଳୀ ଅଧିକାର ପାଇଲେ ନାହିଁ। ଜଙ୍ଗଲ ଅଧିକାର ଆଇନ ୨୦୦୬ର ଧାରା ୩(୧)ଙରେ ସେମାନଙ୍କୁ ଆବାସସ୍ଥଳୀ ଅଧିକାର ମିଳିବା ନେଇ ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇଛି ବୋଲି ଆର୍‌ସିଡିସିର କାର୍ଯ୍ୟକ୍ରମ ପରିଚାଳକ ଆନନ୍ଦ ସେଠୀ କହିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଭୂୟାଁ ଜନଜାତି ସମାଜର ସଭାପତି ପ୍ରଦୀପ କୁମାର ପ୍ରଧାନ ଓ ବିଭିନ୍ନ ଗ୍ରାମର ପୀଢ ମୁଖିଆ ବାରିକ ସ୍ୱାଇଁ, ଟିକେଶ୍ୱର ପ୍ରଧାନ, ଇଶ୍ୱର ଦେହୁରୀ, ପୁରୀ ପ୍ରଧାନଙ୍କ ସମେତ ବନବାସୀ ଚେତନା ମଣ୍ଡଳର ସମ୍ପାଦକ ବୀରବର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ପାଉଡ଼ି ଭୂୟାଁ ଜାତିସମାଜର ପ୍ରତିନିଧି।

## କାରାଖେଣ୍ଡରା ପଞ୍ଚାୟତ ସରପଞ୍ଚ ଅଯୋଗ୍ୟ ଘୋଷିତ

ବଡବିଲ,୩।୧୦(ଦେବପ୍ରିୟ ରଣା)

**ମିଥ୍ୟା ଶପଥପାଠ ଦାଖଲ ମାମଲା**

ନାମାଙ୍କନ ବେଳେ ମିଥ୍ୟା ଶପଥପାଠ ଦାଖଲ କରିଥିବା କେନ୍ଦୁଝର ଜିଲା ଯୋଡ଼ା ବ୍ଲକ କାରାଖେଣ୍ଡରା ଗ୍ରାମ ପଞ୍ଚାୟତର ସରପଞ୍ଚ ସୁବାସ ସୀତାରୀଙ୍କୁ ହାଇକୋର୍ଟ ଅଯୋଗ୍ୟ ଘୋଷଣା କରିଛନ୍ତି। ଏନେଇ କେନ୍ଦୁଝର ଜିଲାପାଳ ସରପଞ୍ଚ ସୀତାରୀଙ୍କ ନୋଟିସ ଜାରି କରିଛନ୍ତି।

ସୁଚନା ଅନୁଯାୟୀ, ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ କାରାଖେଣ୍ଡରା ଗ୍ରାମ ପଞ୍ଚାୟତର ସରପଞ୍ଚ ପଦବୀ ନିମନ୍ତେ ଉଲିବୁରୁ ଗ୍ରାମର କାହ୍ନୁ ଚରଣ ମୁଣ୍ଡା ଏବଂ ସୁବାସ ସୀତାରୀ ପ୍ରତିଦ୍ୱନ୍ଦିତା କରିଥିଲେ। ଗତ ୨୦୧।୨୦୨୨ରେ ସୁବାସ କରିଥିବା ଶପଥପାଠ ଅନୁଯାୟୀ, ତାଙ୍କର ଗୋଟିଏ କନ୍ୟାସନ୍ତାନ ଏବଂ ୨ ଜାଆଁଳା ପୁତ୍ର ସନ୍ତାନ ଥିବା ଦର୍ଶାଇଥିଲେ। ତେବେ ଏ ନେଇ ପ୍ରତିଦ୍ୱନ୍ଦୀ ପ୍ରାର୍ଥୀ କାହ୍ନୁ ନିର୍ବାଚନ ଅଧିକାରୀଙ୍କ ନିକଟରେ ସୁବାସଙ୍କର ୪ ସନ୍ତାନ ଥିବା ଓ ସେ ମିଥ୍ୟା ଶପଥପାଠ ଦାଖଲ କରିଥିବା ନେଇ ମୌଖିକ ଅଭିଯୋଗ କରିଥିଲେ। ହେଲେ କୌଣସି ତଥ୍ୟ ଦେଇ ନ ଥିବାରୁ କାହ୍ନୁଙ୍କ ଅଭିଯୋଗ ଅଗ୍ରାହ୍ୟ ହୋଇଥିଲା। ଫଳରେ ନିର୍ବାଚନରେ କାହ୍ନୁ ମାତ୍ର ୧୨ ଖଣ୍ଡ ଭୋଟରେ ସୁବାସଙ୍କଠାରୁ ପରାଜିତ ହୋଇଥିଲେ। ପରେ କାହ୍ନୁ ସୂଚନା ଅଧିକାର ଆଇନ ଯୋଗେ ସୁବାସଙ୍କର ୪ଟି ସନ୍ତାନ ଥିବା ଜାଣିବାକୁ ପାଇ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ତେବେ ହାଇକୋର୍ଟ ଉକ୍ତ ମାମଲାର ରାୟ ପ୍ରକାଶ କରି ସରପଞ୍ଚ ସୁବାସ ସୀତାରୀଙ୍କୁ ଅଯୋଗ୍ୟ ଘୋଷଣା କରିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜିଲାପାଳ ଗତ ୩୦ ତାରିଖରେ ଅଯୋଗ୍ୟ ଘୋଷିତ ସରପଞ୍ଚଙ୍କୁ ନୋଟିସ ଜାରି କରିଥିଲେ। ମଙ୍ଗଳବାର କେନ୍ଦୁଝର ଜିଲା ପଞ୍ଚାୟତ ଅଧିକାରୀଙ୍କ ଚିଠି ସଂଖ୍ୟା ୧୧୧୦ରେ ଯୋଡା ବିଡିଓଙ୍କୁ ଏ ନେଇ ପତ୍ରାଳାପ କରାଯାଇଥିବା ଜଣାପଡ଼ିଛି।

## ସ୍ୱଚ୍ଛସାଥୀଙ୍କୁ ସମ୍ବର୍ଦ୍ଧନା

ଭଦ୍ରକ,୩।୧୦(ରବିନାରାୟଣ ଖିଲାର)

ଭଦ୍ରକ ବ୍ଲକ କୁଆଁସ ୧୫ ନଂ. ୱାର୍ଡର ନାୟକସାହିର ଗଜାନନ କମିଟି ପକ୍ଷରୁ ଅନୁଷ୍ଠିତ 'ସ୍ୱଚ୍ଛତା ହିଁ ପବିତ୍ରତା' କାର୍ଯ୍ୟକ୍ରମରେ ସ୍ୱଚ୍ଛସାଥୀଙ୍କୁ ଗାନ୍ଧୀ ଜୟନ୍ତୀ ଅବସରରେ ସମ୍ବର୍ଦ୍ଧନା ଦିଆଯାଇଛି। କମିଟିର ଉପଦେଷ୍ଟା ଖବରଦାତା ରବିନାରାୟଣ ଖିଲାର ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଯୁବନେତା ଜ୍ୟୋତି ପ୍ରକାଶ ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବେ ସେକ ଜଶ୍ମୀର, କମିଟି ସଭାପତି ସନିଆ ନାୟକ, ସମ୍ପାଦକ ଶିବା ନାୟକ ପ୍ରମୁଖ ଯୋଗଦେଇ ସ୍ୱଚ୍ଛସାଥୀମାନଙ୍କୁ ତାଙ୍କର ସେବା ପାଇଁ ପ୍ରଶଂସା କରିଥିଲେ। ସେମାନଙ୍କର କର୍ତ୍ତବ୍ୟ ଓ ସମାଜ ପ୍ରତି ଭୂମିକା ଅତୁଳନୀୟ ନେଇ ୨୫ ସ୍ୱଚ୍ଛସାଥୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ଛଉନୃତ୍ୟ ତାଲିମ କେନ୍ଦ୍ର ଉଦ୍‌ଘାଟିତ

ମୋରଡ଼ା,୩।୧୦(ସ୍ମାରକ ମାଜୀ)

ଭାରତ ସରକାରଙ୍କ ସଂଗୀତ ନାଟକ ଏକାଡେମୀ ଦ୍ୱାରା ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ନିଟୁଆପଦାଠାରେ ଛଉନୃତ୍ୟ ତାଲିମ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ଭାଜପା ରାଜ୍ୟ ସମ୍ପାଦକ କୃଷ୍ଣଚନ୍ଦ୍ର ମହାପାତ୍ର, କେନ୍ଦ୍ର ସଂଗୀତ ନାଟକ ଏକାଡେମୀର ଦୀପକ ଯୋଶୀ, ଛୋଟେଲାଲ ମହାନ୍ତ, ନିଟୁଆପଦା ଉତ୍ତରସାହି ଛଉନୃତ୍ୟ ପ୍ରତିଷ୍ଠାନର ସଭାପତି ଉମେଶଚନ୍ଦ୍ର ମହାନ୍ତ, ସମ୍ପାଦକ ହରିପଦ ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ଉକ୍ତ କେନ୍ଦ୍ର ପ୍ରତିଷ୍ଠା ହେବା ଦ୍ୱାରା ଗ୍ରାମାଞ୍ଚଳର କଳାକାରମାନଙ୍କୁ ଅନ୍ତର୍ଜାତୀୟ ଛଉନୃତ୍ୟ ଗୁରୁମାନେ ନିଖୁଣ ତଥା ଉନ୍ନତ ଛଉନୃତ୍ୟ ତାଲିମ ଦେବା ସହିତ ଆଗାମୀ ଦିନରେ ଗ୍ରାମାଞ୍ଚଳର ଛଉନୃତ୍ୟର ବିକାଶ ଶୀର୍ଷରେ ପହଞ୍ଚି ପାରିବ ବୋଲି ମଞ୍ଚାସୀନ ଅତିଥିମାନେ କହିଥିଲେ। ସରକାର ନିଟୁଆପଦା ଗ୍ରାମକୁ କଳା ଗ୍ରାମ ଭାବେ ଘୋଷଣା କରିଛନ୍ତି । ନିଟୁଆପଦାର ଛଉ କଳାକାରମାନେ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ପ୍ରତିଭା ପ୍ରଦର୍ଶନ କରି ଅଞ୍ଚଳର ସୁନାମ ଅର୍ଜନ କରିଛନ୍ତି ବୋଲି ଅତିଥିମାନେ କହିଥିଲେ।




ଅତିଥିଙ୍କ ଗହଣରେ ଛଉନୃତ୍ୟ କଳାକାରମାନେ।

## ପରିବା ଦୋକାନୀଙ୍କ ନାକକୁ କାମୁଡ଼ି ଛିଣ୍ଡାଇଦେଲେ

ଊପଦା, ୩।୧୦(ଧରିତ୍ରୀ ପଣ୍ଡା)

ଊପଦା ଥାନା ସମ୍ମୁଖରୁ ଜଣେ ପରିବା ଦୋକାନୀଙ୍କ ନାକକୁ କାମୁଡି ଛିଣ୍ଡାଇ ଦେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ମଙ୍ଗଳବାର ଦରଖୋଳି ଗ୍ରାମର ଭାଗିରଥି ଭଞ୍ଜ ପରିବା ଦୋକାନରେ ବିକ୍ରି କରୁଥିବା ବେଳେ ଦୁଖଣ୍ଡ ଖଇରା ଗ୍ରାମର ଗଜେନ୍ଦ୍ର ସେନାପତି ସେଠାରେ ପହଞ୍ଚି ପାଟିତୁଣ୍ଡ କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ହଠାତ୍ ଗଜେନ୍ଦ୍ର ଉତ୍‌କ୍ଷିପ୍ତ ହୋଇ ପରିବା ଦୋକାନୀ ଭଞ୍ଜଙ୍କ ନାକକୁ କାମୁଡ଼ି ଛିଣ୍ଡାଇଦେଇଥିଲେ। ପାଖ ଦୋକାନୀ ତୁରନ୍ତ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଭାଗିରଥିଙ୍କୁ ନେଇ ଊପଦା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଇଥିଲେ। ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଛିଣ୍ଡିଯାଇଥିବା ନାକର କିଛି ଅଂଶକୁ ପରିବାର ଲୋକେ ସାଙ୍ଗରେ ନେଇଛନ୍ତି। ଏନେଇ ଆକ୍ରମଣରେ ଶିକାର ଭାଗିରଥିଙ୍କର ମା' ଶାନ୍ତିଲତା ଥାନାରେ ଅଭିଯୋଗ କରିଥିବା ବେଳେ ଗଜେନ୍ଦ୍ରଙ୍କ ସ୍ତ୍ରୀ ସଞ୍ଜୁଲତା ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଦୁଇଟି ଅଭିଯୋଗକୁ ନେଇ ପୋଲିସ ପକ୍ଷରୁ ପୃଥକ୍ ମାମଲା ରୁଜୁ କରାଯାଇ ଗଜେନ୍ଦ୍ରଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

## ସରପଞ୍ଚ-ଜିଆର୍‌ଏସ୍ ବିବାଦ: ଉନ୍ନୟନ କାର୍ଯ୍ୟ ଠପ୍

ଚାନ୍ଦବାଲି, ୩।୧୦ (କିଶାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଜଳେଶ୍ୱରପୁର ପଞ୍ଚାୟତରେ ସରପଞ୍ଚ ଓ ଜିଆର୍‌ଏସ୍‌ଙ୍କ ମଧ୍ୟରେ ବିବାଦ ଲାଗି ରହିଥିବାରୁ ଉନ୍ନୟନ କାର୍ଯ୍ୟ ଠପ୍ ହୋଇଯାଇଛି। ସରପଞ୍ଚ ପ୍ରଫୁଲ୍ଲ ବେହେରା ପଞ୍ଚାୟତର ଜିଆର୍‌ଏସ୍ ନିରଞ୍ଜନ ମହାନ୍ତିଙ୍କୁ ଫୋନ୍‌ରେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ନେଇ ଏକ ଅଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଦଳୀୟ ଭିତ୍ତିରେ ପ୍ରଧାନମନ୍ତ୍ରୀ ଆବାସ ଓ ପାଇଖାନା ବିଲ୍ କରିବାକୁ ଜିଆର୍‌ଏସ୍ ରାଜି ନ ହେବାରୁ ସେ ତାଙ୍କୁ ଗାଳିଗୁଲଜ କରିଥିବା ଉକ୍ତ ଅଡିଓରୁ ଜଣାପଡ଼ିଛି। ଏନେଇ ସରପଞ୍ଚ ବେହେରାଙ୍କୁ ପଚାରିବାରୁ ବିଲ୍ ନ କରିବାରୁ ଜିଆର୍‌ଏସ୍‌ଙ୍କୁ ଗାଳିଗୁଲଜ କରିଥିବା କଥା ସ୍ୱୀକାର କରିଛନ୍ତି। ଅପରପକ୍ଷେ ଜିଆର୍‌ଏସ୍ ମହାନ୍ତି କହିଛନ୍ତି, ଏଭଳି ଅଭିଯୋଗ ମିଥ୍ୟା। ସେ ସମସ୍ତଙ୍କ ବିଲ୍ କରିସାରିଥିବା ବେଳେ ହିତାଧିକାରୀମାନେ ଟଙ୍କା ମଧ୍ୟ ପାଇସାରିଛନ୍ତି। ଏହି ଘଟଣାରେ ବିଡିଓ ଅସିତ୍ କୁମାର ମହାନ୍ତି ମଙ୍ଗଳବାର ଅପରାହ୍ନରେ ଏକ ଜରୁରୀ ବୈଠକ ଡକାଇ ଉଭୟଙ୍କୁ ତାଗିଦ୍ କରିଥିବା କହିଛନ୍ତି।

## ବୈଶିଙ୍ଗା ଡାକ୍ତରଖାନାର ଉନ୍ନତୀକରଣ ଦାବିରେ ବଜାର ବନ୍ଦ

ବୈଶିଙ୍ଗା,୩।୧୦(ରତନ ଦାଶ)

**ତୃତୀୟ ଦିନରେ ରିଲେ ଅନଶନ**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଡାକ୍ତରଖାନାର ଉନ୍ନତୀକରଣ ଦାବିରେ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଗାନ୍ଧୀ ଜୟନ୍ତୀଠାରୁ ରିଲେ ଅନଶନ ଜାରି ରହିଛି। ଏହାକୁ ସମର୍ଥନ କରି ବୈଶିଙ୍ଗା ବଜାର କମିଟିର ୩୦୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ନିଜର ବ୍ୟବସାୟିକ ପ୍ରତିଷ୍ଠାନ ୬ଘଣ୍ଟା ଧରି ବନ୍ଦ ରଖି ଆନ୍ଦୋଳନକୁ ସମର୍ଥନ କରିଥିଲେ। ଏଥି ସହିତ ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତି, ନାରୀ ସଂଗଠନ, ବରିଷ୍ଠ ନାଗରିକ, ଛାତ୍ର ସଂଗଠନ ଶତାଧିକ ସଂଖ୍ୟାରେ ଯୋଗ ଦେଇଥିଲେ। ୧୯୨୫ରେ ପ୍ରତିଷ୍ଠିତ ଏହି ଡାକ୍ତରଖାନାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବାକୁ ଅଞ୍ଚଳବାସୀ ଦୀର୍ଘ ଦିନ ହେବ ଦାବି କରି ଆସୁଥିବା ବେଳେ ସରକାର ପଦକ୍ଷେପ ନ ନେବାରୁ ବିକାଶ ପରିଷଦ ସଭାପତି ପ୍ରବୋଧ କୁମାର ପଣ୍ଡା ଏବଂ ଆବାହକ କ୍ଷେତ୍ରମୋହନ ପଣ୍ଡାଙ୍କ ନେତୃତ୍ୱରେ ଅନଶନ ଜାରି ରହିଛି ।

## ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର

ବାରିପଦା,୩।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ସଦର ମହକୁମା ବାରିପଦାଠାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥିତ ସମ୍ମିଳନୀ କକ୍ଷରେ ମିଳିତ ଜନ ଶୁଣାଣି ଅଭିଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଆସୁଥିବା ଜନସାଧାରଣଙ୍କ ଆପତ୍ତି ଅଭିଯୋଗଗୁଡ଼ିକର ସମାଧାନ ତ୍ୱରିତ ପ୍ରକ୍ରିୟାରେ ସମ୍ପନ୍ନ କରିବା ପାଇଁ ଉପସ୍ଥିତ ସମସ୍ତ ଅଧିକାରୀମାନଙ୍କୁ ଜିଲାପାଳ ବିନୀତ ଭରଦ୍ୱାଜ ପରାମର୍ଶ ଦେଇଥିଲେ। ଏହି ଶିବିରରେ ଜନସାଧାରଣଙ୍କ ଠାରୁ ମୋଟ ୧୧୮ଟି ଅଭିଯୋଗ ପତ୍ର ଗ୍ରହଣ ହୋଇଥିବା ବେଳେ ୧୦୫ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଏବଂ ୧୩ଟି ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ଭିତ୍ତିକ ସାମୁହିକ ଅଭିଯୋଗ ଥିଲା। ଗ୍ରହଣ ହୋଇଥିବା ଆପତ୍ତି ଅଭିଯୋଗ ମଧ୍ୟରୁ ୯ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ସହାୟତା ରାଶି ପ୍ରଦାନ ପାଇଁ ଆସିଥିବା ଅଭିଯୋଗର ଗୁରୁତ୍ୱ ଓ ପରିସ୍ଥିତିକୁ ବିଚାର କରି ୨ଜଣଙ୍କୁ ୧୦ହଜାର ଟଙ୍କା ଲେଖାଏ, ଅନ୍ୟ ୩ଜଣ ବ୍ୟକ୍ତିଙ୍କୁ ପ୍ରତ୍ୟେକ ୫ହଜାର ଟଙ୍କା ଲେଖାଏ, ଜଣଙ୍କୁ ୩ହଜାର ଟଙ୍କା ଓ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ୨ହଜାର ଟଙ୍କା ଏହିପରି ୭ଜଣଙ୍କୁ ମୋଟ ୪୦ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ଜିଲାପାଳ ମଞ୍ଜୁର କରିଛନ୍ତି । ଶିବିରରେ ମୟୂରଭଞ୍ଜ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀ କାନ୍ତ ସ୍ୱାଇଁ, ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ରୁପଭାନୁ ମିଶ୍ର ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଏବଂ ବାରିପଦା ଉପଖଣ୍ଡ ଅଧୀନ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଗୋଷ୍ଠୀ ଶିକ୍ଷାଧିକାରୀ ଏବଂ ଉପଖଣ୍ଡସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲା ଜରୁରୀକାଳୀନ ଅଧିକାରୀ ତଥା ପି. ଜି. ସେଲର ନୋଡାଲ ଅଧିକାରୀ ପ୍ରମିଳା ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଶିବିର କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

## ଅନ୍ତର୍ନିହିତ ପ୍ରତିଭାକୁ ପରିପ୍ରକାଶ କରୁଛି ସୁରଭି



ବାହାନଗା, ୩।୧୦(ଅରୂପ୍ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ପଣ୍ଡାଶୁଣି ପଞ୍ଚାୟତର ନୀଳକଣ୍ଠପୁର ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଣ୍ଡାଶୁଣି କ୍ଲଷ୍ଟରର ୧୨ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଆସିଥିବା ପ୍ରାୟ ୩୦୦ ଛାତ୍ରୀଛାତ୍ର ଶିଶୁମେଳାରେ ଅଂଶଗ୍ରହଣ କରିଥିଲେ। ଏନେଇ ଏକ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ଦାସ ସଭାପତିତ୍ୱ କରିଥିଲେ। ତାଳକୁରୁଣିଆ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ପାଢୀ ପରିଚାଳନା କରିଥିବା ବେଳେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ସଭାପତି ସୁମନ୍ତ ନାୟକ ଯୋଗଦେଇ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୌଣସି ନା କୌଣସି ଅନ୍ତର୍ନିହିତ ଗୁଣ ରହିଛି । ସେହି ଗୁଣକୁ ପରିପ୍ରକାଶ କରିବାର ମାଧ୍ୟମ ହେଉଛି ସୁରଭି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆପିଡ୍ରା ସରକାରୀ ପ୍ରାଇମେରୀ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମଣିଭଦ୍ର ମାଝି, ସିଆରସିସି ମୁକ୍ତିକାନ୍ତ ଶିଅଳ, ତାଳକୁରୁଣିଆ ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ବେହେରା, ଭଗବାନ ଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟର ପ୍ରାଧ୍ୟାପକ ହିମାଂଶୁ କୁମାର ନାଥ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ପରିଚାଳନା କରିଥିଲେ ଶିକ୍ଷକ ମଣିଭଦ୍ର ନାୟକ। ଧନ୍ୟବାଦ ଦେଇଥିଲେ ଶିକ୍ଷକ ଯୋଗେଶ ଚନ୍ଦ୍ର ସାହୁ।

## ନଭେମ୍ବରରେ ରତିକାନ୍ତ ସ୍ମାରକୀ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ

ଉଦଳା,୩।୧୦(ସନ୍ତୋଷ କୁମାର ବାଛିନୀ)

ଉଦଳା କ୍ରିକେଟ ଆସୋସିଏସନ ଦ୍ୱାରା ଆୟୋଜିତ ରତିକାନ୍ତ ସ୍ମାରକୀ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଆସନ୍ତା ନଭେମ୍ବର ଶେଷ ସପ୍ତାହରେ ଅନୁଷ୍ଠିତ ହେବ। ଏଥିନେଇ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କ୍ରୀଡାବିତ୍ ଅମୀୟ କୁମାର ବଳ ଏଥିରେ ସଭାପତିତ୍ୱ କରିଥିଲେ। ବରିଷ୍ଠ ସଦସ୍ୟ ସନ୍ତୋଷ କୁମାର ବାଛିନୀ ସଭା ପରିଚାଳନା କରିଥିଲେ। ସଭାରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଅଂଶଗ୍ରହଣ କରିଥିଲେ। ଆଲୋଚନା ପରେ ନଭେମ୍ବର ଶେଷ ସପ୍ତାହରେ ଟୁର୍ନାମେଣ୍ଟ ହେବ ବୋଲି ନିଷ୍ପତ୍ତି ନିଆଯାଇଥିବା ଆସୋସିଏସନର ବରିଷ୍ଠ ସଦସ୍ୟ ଆଇନଜୀବୀ ଅରୁଣ କୁମାର ବାରିକ ସୂଚନା ଦେଇଛନ୍ତି। ଏହି ଟୁର୍ନାମେଣ୍ଟରେ ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଭଦ୍ରକ ଓ ଯାଜପୁର ଜିଲାର ମୋଟ ୮ଟି ଦଳ ଅଂଶଗ୍ରହଣ କରିବେ। ବୈଠକରେ ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ସୌଭାଗ୍ୟ କୁମାର ସାହୁ, ଉପଦେଷ୍ଟା ଲଳିତ ମହାନ୍ତି, ସତ୍ୟନାରାୟଣ ପାଢୀ, ରାମଚନ୍ଦ୍ର ବେହେରା, ଅଶୋକ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକର ଆବାହକ ଜ୍ୟୋତିପ୍ରକାଶ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟରେ ସ୍ୱଚ୍ଛତା ହିଁ ସେବା

ଖଇରା, ୩।୧୦(ଉତ୍କଳବନ୍ଧୁ ପଣ୍ଡା)

**ଗାଁକୁ ଯାଇ ସଫେଇ ସହ ସଚେତନ କଲେ**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନହଙ୍ଗସ୍ଥିତ ପଞ୍ଚାୟତ ସମିତି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅୟୋଜିତ ହୋଇଛି। ସେପ୍ଟେମ୍ବର ୧୫ତାରିଖରୁ ଆରମ୍ଭ ହୋଇଥିବା ଏହି ଶିବିର ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ଉଦ୍‌ଯାପିତ ହୋଇଯାଇଛି । ବିଭିନ୍ନ ଦିବସରେ ଶିବିରାର୍ଥୀମାନେ କାର୍ଯ୍ୟକ୍ରମ ପରିଚାଳିକା ଅଳକନନ୍ଦା ସାହୁଙ୍କ ତତ୍ତ୍ୱାବଧାନରେ ଶୋଭାଯାତ୍ରାରେ ନହଙ୍ଗ ଗ୍ରାମକୁ ଯାଇ ସ୍ୱଚ୍ଛ ପରିବେଶର ଆବଶ୍ୟକତା ଉପରେ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। ଏଥିସହ ରାସ୍ତା ପାର୍ଶ୍ୱ ତଥା ବିଭିନ୍ନ ସ୍ଥାନରୁ ଅଳିଆ ଆବର୍ଜନା ସଫା କରିଥିଲେ। ସୋମବାର ଉଦ୍‌ଯାପନୀ ଦିବସରେ ମହାବିଦ୍ୟାଳୟ ପରିସରରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଅଧ୍ୟକ୍ଷା ଅନିତାରାଣୀ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ କାର୍ଯ୍ୟକ୍ରମ ପରିଚାଳିକା ଭାବେ ଅଧ୍ୟାପିକା ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅଧ୍ୟାପିକା ଜ୍ୟୋତ୍ସ୍ନାବାଳା ଦାସ, ଅଧ୍ୟାପକ ଅର୍ଜ୍ଜୁନ ଚରଣ ଲେଙ୍କା, କର୍ମଚାରୀ ଭାସ୍କର ଚନ୍ଦ୍ର ମାଝି, ବୀଣାପାଣି ବେହେରା ଓ ଘନଶ୍ୟାମ ଦାସ ପ୍ରମୁଖ ବକ୍ତା ଭାବେ ଯୋଗଦେଇ ସ୍ୱଚ୍ଛତାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।




ଅତିଥି ଓ ଅଧ୍ୟାପିକାମାନେ ଗ୍ରାମବାସୀଙ୍କୁ ସଚେତନ କରୁଛନ୍ତି।

**ଖାଦ୍ୟ ନିରାପତ୍ତା ନେଇ ସଚେତନତା**

ତିହିଡ଼ି,(ସଞ୍ଜିତ ବଳ)-ଭଦ୍ରକ ଜିଲା ତିହିଡ଼ି ବ୍ଲକର ବିଭିନ୍ନ ବଜାରରେ ମଙ୍ଗଳବାର ଖାଦ୍ୟ ନିରାପତ୍ତା ନେଇ ସଚେତନତା ସୃଷ୍ଟି କରାଯାଇଛି। ସରକାରଙ୍କ ଖାଦ୍ୟ ନିରାପତ୍ତା ବିଭାଗର ସ୍ୱୀକୃତିପ୍ରାପ୍ତ ଉତ୍ସର୍ଗ ସଙ୍ଗଠନ ପକ୍ଷରୁ ଏହି ସଚେତନତା କରାଯାଇଥିଲା। ସଙ୍ଗଠନର ଜିଲା ସଂଯୋଜକ ସୂର୍ଯ୍ୟନାରାୟଣ ମହାରଣାଙ୍କ ପରାମର୍ଶକ୍ରମେ ଯାଞ୍ଚ ଅଧିକାରୀ ସଞ୍ଜୟ କୁମାର ନାୟକ, କ୍ଷେତ୍ର ଅଧିକାରୀ ସତ୍ୟବ୍ରତ ମିଶ୍ର, ସତ୍ୟନାରାୟଣ ସାବତ ଓ ବସନ୍ତ କୁମାର ମଲ୍ଲିକ ବ୍ଲକର ବିଭିନ୍ନ ଜଳଖିଆ ଦୋକାନରେ ଖାଦ୍ୟର ଗୁଣବତ୍ତା ସହ ସ୍ୱଚ୍ଛତା ଯାଞ୍ଚ କରି ଦୋକାନୀମାନଙ୍କୁ ସଚେତନ କରାଇଥିଲେ।

# ଲଘୁଚାପଜନିତ ଲଗାଣ ବର୍ଷା: ବୁଡ଼ିଲା ସହର


ଫକୀରମୋହନ ଗୋଲେଇରେ ଲୋକେ ପାଣିରେ ଯା'ଆସ କରୁଛନ୍ତି।


ବର୍ଷା ପରେ ସହରର ବିଭିନ୍ନ ସ୍ଥାନରେ ଜମି ରହିଥିବା ପାଣି।

ବାଲେଶ୍ୱର, ୩।୧୦(ମାନସ ବିଶ୍ୱାଳ)

ଲଘୁଚାପ ପ୍ରଭାବରେ ବାଲେଶ୍ୱର ଜିଲାରେ ସୋମବାରଠାରୁ ପ୍ରବଳ ବର୍ଷା ଲାଗି ରହିଛି। ବିଶେଷ କରି ସହରର ପ୍ରମୁଖ ରାସ୍ତା ଉପରେ କୃତ୍ରିମ ବନ୍ୟାର ଢେଉ ମାରୁଛି। ମଙ୍ଗଳବାର ଦିନତମାମ୍ ବାରମ୍ବାର ଅବିଶ୍ରାନ୍ତ ବର୍ଷା ହେବା ଯୋଗୁ ବର୍ଷା ଜଳ ନାଳରୁ ଉଠି ସହରର ବିଭିନ୍ନ ରାସ୍ତା ଜଳମଗ୍ନ ହୋଇଛି। ଏଥିସହ ଦୋକାନଗୁଡ଼ିକରେ ପାଣି ପଶିଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, ସଦର ବ୍ଲକ ଏବଂ ସଦର ତହସିଲ ପରିସରରେ ପାଣି ପଶିଯିବାରୁ କିଛି ସମୟ ଧରି କାର୍ଯ୍ୟ ଠପ୍ ହୋଇଯାଇଥିଲା।

ଲଗାଣ ବର୍ଷା ଯୋଗୁ ସହରର ମୋତିଗଞ୍ଜ, ଚିଡ଼ିଆପୋଲ, ଗୋପାଳଗାଁ, ରାଣୀପାଟଣା, ପଦୁଆଁପଦା, ସିନେମା ଛକ, ଫକୀର ମୋହନ କଲେଜ ରାସ୍ତା ଆଦିରେ ପାଣିର ସୁଅ ଚାଲିଥିଲା। ସହରର ପ୍ରମୁଖ ସ୍ଥାନ ଫକୀରମୋହନ ଗୋଲେଇ ଛକର ଅବସ୍ଥା କହିଲେ ନ ସରେ। ଗୋଲେଇ ଚାରିପାଖରେ ପାଣି ସୁଅ ମାରୁଥିବା ବେଳେ ରାସ୍ତାରେ ଯାତାୟାତ କରୁଥିବା ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ସେହିପରି ଅନେକ ସ୍ଥାନରେ ରାସ୍ତାର ଖାଲଖମା ଥିବା ବେଳେ ପାଣି ଭର୍ତ୍ତି ରାସ୍ତାରେ ଯାତାୟାତ ସମସ୍ୟା ଉପୁଜିଥିଲା। ବିଭିନ୍ନ ଦୋକାନରେ ପାଣି ପଶିବା କାରଣରୁ ଦୋକାନୀମାନେ ମୋଟର ଦ୍ୱାରା ପାଣି ନିଷ୍କାସନ କରିଛନ୍ତି। ଗୋଟେପଟେ ବାଲେଶ୍ୱର ସହର ଅମୃତ ସହର କୁହାଯାଉଥିବା ବେଳେ ବିଭିନ୍ନ ସ୍ଥାନରେ ଥିବା ଡ୍ରେନ୍ ଏବଂ ନାଳ ସଫେଇ ହେଉ ନ ଥିବାରୁ ଏମିତି ସମସ୍ୟା ଉପୁଜିଥିବା ବାଲେଶ୍ୱରବାସୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ବର୍ଷାଦିନ ପୂର୍ବରୁ ନାଳ ଓ ମହାନାଳ ଉପରେ ପ୍ରଶାସନ ନଜର ରଖିବା ସହ ସେସବୁ ସଫା କରିବାର ଆବଶ୍ୟକତା ରହିଛି । ଏଥିସହ ଏବେ ବିଭିନ୍ନ ରାସ୍ତା କଂକ୍ରିଟ୍ କରାଯାଉଥିବା ବେଳେ ରାସ୍ତାର ଉଚ୍ଚତା ବଢ଼ିବା ସହ ସେହି ଅନୁସାରେ ଡ୍ରେନ୍ ବ୍ୟବସ୍ଥା କରାଯାଉ ନ ଥିବା ଅଭିଯୋଗ ହୋଇଛି। ଜରୁରୀକାଳୀନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଜିଲାରେ ଗତ ସୋମବାର ପୂର୍ବାହ୍ନ ୮ରୁ ମଙ୍ଗଳବାର ପୂର୍ବାହ୍ନ ୮ଟା ପର୍ଯ୍ୟନ୍ତ ମୋଟ୍ ୬୮୭ ମି.ମି. ବର୍ଷା ହୋଇଥିବା ରେକର୍ଡ଼ ହୋଇଛି। ହାରାହାରି ୫୭.୨୫ ମି.ମି. ବର୍ଷା ହୋଇଛି। ଭୋଗରାଇ ବ୍ଲକରେ ୧୩ମି.ମି., ବସ୍ତାରେ ୨୨ମି.ମି., ଜଳେଶ୍ୱରରେ ୬୯ମି.ମି., ବାଲିଆପାଳରେ ୨୩ମି.ମି., ବାଲେଶ୍ୱର (ସଦର ଓ ପୌରାଞ୍ଚଳ) ୭୬ମି.ମି., ରେମୁଣା ୫୪ମି.ମି., ନୀଳଗିରି ୭୪ ମି.ମି., ସୋର ୮୪ମି.ମି., ବାହାନଗା ୯୫ମି.ମି., ସିମୁଳିଆ ୬୨ମି.ମି., ଖଇରା ୪୭ମି.ମି., ଔପଦା ବ୍ଲକରେ ୬୮ମି.ମି. ହୋଇଥିବା ଜଣାପଡ଼ିଛି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
balasoreselfie@gmail.com


@ ରୀତା


@ ଜଗନ୍ନାଥ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ଭଣ୍ଡାରିପୋଖରୀରେ ତୁହାକୁ ତୁହା ବର୍ଷା

ଭଣ୍ଡାରିପୋଖରୀ, ୩।୧୦ (ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଅଞ୍ଚଳରେ ଗତ ୨୪ ଘଣ୍ଟା ଧରି ତୁହାକୁ ତୁହା ବର୍ଷା ଲାଗି ରହିଛି। ବ୍ଲକର କିଛି ଖାଲୁଆ ସ୍ଥାନ ଓ ଗ୍ରାମାଞ୍ଚଳ ରାସ୍ତାରେ ବର୍ଷାପାଣି ଜମିଥିବା ବେଳେ ବୈତରଣୀରେ କିନ୍ତୁ ବନ୍ୟା ଆଶଙ୍କା ନ ଥିବା ଜଳସମ୍ପଦ ବିଭାଗ ପକ୍ଷରୁ ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ୨୪ଘଣ୍ଟା ମଧ୍ୟରେ ଆଖୁଆପଦାଠାରେ ୩୫.୮ ମି.ମି., ସାମପାଟଣାଠାରେ ୬୦.୪ ମି.ମି., କେନ୍ଦୁଝରରେ ୭୪.୬ ମି.ମି., ଠାକୁରମୁଣ୍ଡାଠାରେ ୪୪.୬ ମି.ମି., ଚମ୍ପୁଆଠାରେ ୧୩.୦ ମି.ମି. ଓ ଆନନ୍ଦପୁରରେ ସର୍ବାଧିକ ୧୨୬.୨ ମି.ମି. ବର୍ଷା ରେକର୍ଡ କରାଯାଇଛି। ବୈତରଣୀ ନଦୀର ଆଖୁଆପଦାଠାରେ ବିପଦ ସଙ୍କେତ ୧୭.୮୩ ମିଟର ଥିବାବେଳେ ମଙ୍ଗଳବାର ସନ୍ଧ୍ୟା ୬ଟା ସୁଦ୍ଧା ୧୭.୫୧ ମିଟର ଉପରେ ଜଳ ପ୍ରବାହିତ ହେଉଛି। ବୁଧବାର ୧୨ଟା ସୁଦ୍ଧା ନଦୀରେ ସେଭଳି ବନ୍ୟା ସ୍ଥିତି ନ ଥିବା ବିଭାଗ କର୍ମଚାରୀ ଚିନ୍ମୟ ମହାପାତ୍ର କହିଛନ୍ତି।

## ଜିକେ ଭଟ୍ଟର ହସ୍ପିଟାଲରେ ପଶିଲା ପାଣି

ରାଇବଣିଆ,(ନବୀନ ସାହୁ)/ ଜଳେଶ୍ୱର (ରବିନାରାୟଣ ପାତ୍ର), ୩।୧୦

ସମଗ୍ର ଉତ୍ତର ବାଲେଶ୍ୱର ତଥା ପଶ୍ଚିମବଙ୍ଗର କିଛି ଅଂଶକୁ ରୋଗୀ ସେବା ଯୋଗାଉଥିବା ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଜିକେଭଟ୍ଟର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପଶିଛି ବର୍ଷା ପାଣି। ଲଘୁଚାପ ପ୍ରଭାବରେ ଜଳେଶ୍ୱର ଅଞ୍ଚଳରେ ଗତ ରାତିରୁ ପ୍ରବଳ ବର୍ଷା ଲାଗି ରହିଛି। ହସ୍ପିଟାର ସମ୍ମୁଖ ଭାଗ ପାଣିରେ ବୁଡ଼ିଯିବା ସହିତ କୋଠରୀ ଭିତରକୁ ପାଣି ପଶିଯାଇଥିଲା । ଡ୍ରେସିଂ ରୁମ୍, ଔଷଧ ବିତରଣ ରୁମ୍, ଡାକ୍ତରଙ୍କ ରୁମ୍ ସହିତ ଏକ୍ସ-ରେ ଓ ପାଥୋଲଜି ରୁମ୍ ଭିତରେ ପାଣି ପଶିଥିଲା । ରୋଗୀମାନେ ରହୁଥିବା ୱାର୍ଡରେ ୧ଫୁଟରୁ ଅଧିକ ପାଣି ପଶିବାରୁ କୋକୁଆ ଭୟ ସୃଷ୍ଟି ହେବା ସହିତ ସମ୍ପର୍କୀୟମାନେ ରୋଗୀମାନଙ୍କୁ ଉପରମହଲାକୁ ନେଇ ଯାଇଥିଲେ। ଡାକ୍ତରଖାନା ସମ୍ମୁଖରେ ଥିବା ଡ୍ରେନ ପରିଷ୍କାର ନ ଥିବାରୁ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ଡାକ୍ତରଖାନା ପରିସରରେ ପଶିଛି। ଖବରପାଇ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ ମହାପାତ୍ର ଏବଂ ନଗରପାଳ ପ୍ରତୀପ ପ୍ରଧାନ ପହଞ୍ଚି ପାଣି ନିଷ୍କାସନ ପାଇଁ ବ୍ୟବସ୍ଥା କରିଥିଲେ।

ଏ ନେଇ ନଗରପାଳ ପ୍ରଧାନ କହିଛନ୍ତି, ହସ୍ପିଟାଲ୍ ସମ୍ମୁଖ ରାସ୍ତାର ମରାମତି କାର୍ଯ୍ୟ ଚାଲୁଥିବାରୁ ପାଣି ନିଷ୍କାସନ ପାଇଁ ଥିବା ରାସ୍ତା ଅବରୋଧ ହୋଇରହିଛି। ଫଳରେ ଏଭଳି ସମସ୍ୟା ଉପୁଜିଛି। ଏବେ ଅବରୋଧ ଥିବା ରାସ୍ତା ଖୋଲି ଦିଆଯାଇଥିବାରୁ ଏବେ ସ୍ଥିତି ସ୍ୱାଭାବିକ ହୋଇଛି।


ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଜମିଥିବା ବର୍ଷା ପାଣି।

## ବିପଦ ସଙ୍କେତ ଉପରେ ଜଳକା ଜଳସ୍ତର

ରୂପସା, ୩।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଅଧୀନ ବସ୍ତା ବ୍ଲକ ଦେଇ ପ୍ରବାହିତ ଜଳକା ନଦୀରେ ଏବେ ବନ୍ୟା ଆଶଙ୍କା ଦେଖାଦେଇଛି। ଲଘୁଚାପଜନିତ ଲଗାଣ ବର୍ଷା ଫଳରେ ମଙ୍ଗଳବାର ଏହି ନଦୀର ଜଳସ୍ତର ବିପଦସଂକେତ ଉପରେ ପ୍ରବାହିତ ହେଉଛି। ମଥାନୀଠାରେ ଏହି ନଦୀର ବିପଦସଙ୍କେତ ୫.୫୦ମିଟର ଥିବାବେଳେ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ନଦୀର ଜଳସ୍ତର ୫.୯୨ମିଟରରେ ପ୍ରବାହିତ ହେଉଛି। ଫଳରେ ନଦୀତଳିଆ ଅଞ୍ଚଳରେ ପାଣି ମାଡ଼ିବା ସହିତ ନଦୀ ନିକଟରେ ଥିବା ଚାଷଜମି ସବୁ ଜଳମଗ୍ନ ହୋଇଛି। ବର୍ଷା ଲାଗି ରହିଥିବାରୁ ଏବେ ଏହି ନଦୀର ଆଖପାଖ ଅଞ୍ଚଳରେ ବନ୍ୟା ଆଶଙ୍କା ଦେଖାଦେଇଛି। ବନ୍ୟା ହେଲେ ଧାନଚାଷ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି। ଚାଷୀଙ୍କ ସମେତ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ନଦୀକୂଳିଆ ଲୋକଙ୍କ କହିବା ମୁତାବକ ରାତିରେ ଉପରମୁଣ୍ଡରେ ବର୍ଷା ହେଲେ ଜଳକା ନଦୀର ଜଳସ୍ତର ଅଧିକ ବଢ଼ିବା ସହିତ ଏକ ବଡ଼ ବନ୍ୟା ହେବାର ଆଶଙ୍କା ରହିଛି।

## ସୀତା ନଦୀ ପୋଲ ଉପରେ ୨ ଫୁଟ ପାଣି


ସୀତା ନଦୀ ପୋଲ ଉପରେ ପ୍ରବାହିତ ବର୍ଷାଜଳ।

ପାଟଣା,୩।୧୦(ବୀର କିଶୋର ଦାଶ)

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ କେନ୍ଦୁଝର ଜିଲା ପାଟଣା ଅଞ୍ଚଳରେ ଜନଜୀବନ ପ୍ରଭାବିତ ହୋଇଛି। ଦିନ ତମାମ ବର୍ଷା ଲାଗି ରହିଥିବାରୁ ବଜାର, କାର୍ଯ୍ୟାଳୟ, ରାସ୍ତାଘାଟ ସବୁଆଡ଼େ ଖାଁ ଖାଁ ପରିଲକ୍ଷିତ ହେଉଛି। ପାଟଣା ବ୍ଲକ ଡୁମୁରିଆରୁ ଘଟଗାଁ ବ୍ଲକ ଅଧୀନ ଢେଙ୍କିକୋଟକୁ ସଂଯୋଗ କରୁଥିବା ରାସ୍ତାର ଚିନାମଲିପଶି ପଞ୍ଚାୟତର ନୂଆପଡାସ୍ଥିତ ସୀତା ନଦୀ ପୋଲ ଉପରେ ମଙ୍ଗଳବାର ୨ ଫୁଟ ଉଚ୍ଚର ବର୍ଷା ଜଳ ପ୍ରବାହିତ ହେବାରୁ ଯାତାୟାତ ବ୍ୟାହତ ହୋଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ମୋଟର ଅଟକି ରହିଛି। ଫଳରେ ପାଟଣା ବ୍ଲକର ଡୁମୁରିଆ, ଚିନାମାଳିପଶି, ପଲାଶ ଘାଟି ପଞ୍ଚାୟତର ଲୋକେ ଢେଙ୍କିକୋଟକୁ ଯିବା ଆସିବା କରିପାରୁ ନାହାଁନ୍ତି। ଅନୁରୂପ ଭାବେ ଢେଙ୍କିକୋଟ ପାର୍ଶ୍ୱରୁ ଲୋକେ ଉକ୍ତ ରାସ୍ତା ଦେଇ ଭୀମକୁଣ୍ଡକୁ ଆସିପାରୁ ନାହାଁନ୍ତି। ନୂଆପଡ଼ାଠାରେ ସୀତା ନଦୀ ଉପରେ ନୂତନ ପୋଲ ନିର୍ମାଣ ପାଇଁ ଟେଣ୍ଡର ସରିଥିବା ବେଳେ ବର୍ଷା ଋତୁ ପରେ ପୋଲ ନିର୍ମାଣ ତ୍ୱରାନ୍ୱିତ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## କୋର୍ଟ ଦ୍ୱାରା ସ୍ଥିରୀକୃତ ତାରିଖ ସୁଦ୍ଧା ହେବ ଟ୍ରକ୍ ମାଲିକ ସଂଘ ନିର୍ବାଚନ

କେନ୍ଦୁଝର,୩।୧୦(ଦୀପକ ମିଶ୍ର)

କେନ୍ଦୁଝର ଟ୍ରକ୍ ମାଲିକ ସଂଘ ନିର୍ବାଚନ ନଭେମ୍ବର ୧୫ ସୁଦ୍ଧା ସାରିବାକୁ ଚେଷ୍ଟା କରାଯିବ ବୋଲି ଆଇଜିଆର ଜ୍ୟୋତି ପ୍ରକାଶ ଦାସ ପ୍ରକାଶ କରିଛନ୍ତି। ତାଙ୍କର କହିବା ଅନୁଯାୟୀ ହାଇକୋର୍ଟଙ୍କ ନିର୍ଦ୍ଦେଶ ହସ୍ତଗତ ହୋଇଛି ଏବଂ ଖୁବ୍‌ଶୀଘ୍ର ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ନିର୍ବାଚନ ସମ୍ପର୍କରେ ଚିଠି ଦିଆଯିବ। ଏହା ବ୍ୟତୀତ ସଂଘ ପୂର୍ବତନ କର୍ମକର୍ତ୍ତାଙ୍କୁ ମଧ୍ୟ ଚିଠି ଦିଆଯାଇ ବୈଠକ ଡାକିବାର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି। ନିର୍ବାଚନ ନିମନ୍ତେ ଜିଲା ପ୍ରଶାସନ ସହ ଆଲୋଚନା କରି ନିର୍ବାଚନ ଅଧିକାରୀ ନିଯୁକ୍ତି କରାଯାଇ କୋର୍ଟ ଦ୍ୱାରା ସ୍ଥିରୀକୃତ ତାରିଖ ସୁଦ୍ଧା ନିର୍ବାଚନ ସାରିବାକୁ ଚେଷ୍ଟା କରିବେ ବୋଲି ଆଇଜିଆର ପ୍ରକାଶ କରିଛନ୍ତି।

## ଧାମନଗର କଲେଜ ପରିସରରେ ଜମିଛି ବର୍ଷାପାଣି



ଧାମନଗର,୩।୧୦(ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗର ମହାବିଦ୍ୟାଳୟର ପ୍ରାୟ ୮୦ ଏକର ନିଜସ୍ୱ ଜମି ଥିବାବେଳେ କେତେକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ବେଆଇନ ଅବରୋଧ ଯୋଗୁ କଲେଜ ପରିସର ସଙ୍କୁଚିତ ହେବାକୁ ବସିଛି। ଏନେଇ କଲେଜ କର୍ତ୍ତୃପକ୍ଷ ଜାଗା ଚିହ୍ନଟ କରି ପାଚେରୀ ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଚିଠି କରିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ। ଏହାର ସୁଯୋଗରେ ଅବରୋଧକାରୀଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଥିବା ବେଳେ କଲେଜକୁ ଆସୁଥିବା ଛାତ୍ରୀଛାତ୍ର ଓ ଅଧାପକ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଅବରୋଧ ଯୋଗୁ ଲଗାଣ ବର୍ଷାରେ ମୁଖ୍ୟ ଫାଟକଠାରୁ କଲେଜକୁ ଯାଇଥିବା ୨ଶହ ମିଟର ରାସ୍ତାରେ ୪ ଫୁଟ୍ ଉଚ୍ଚରେ ପାଣି ନିଷ୍କାସନ ହୋଇ ନ ପାରି ଜମି ରହିଛି। ଜମି ରହିଥିବା ପାଣି ନିଷ୍କାସନ ପାଇଁ ଗତ ଅଗଷ୍ଟ ୮ରେ ତହସିଲଦାରଙ୍କୁ କଲେଜ କର୍ତ୍ତୃପକ୍ଷ

**ଅବରୋଧ ଯୋଗୁ ହୋଇପାରୁନି ନିଷ୍କାସନ**

ଚିଠି ନଂ. ୧୧୮ ଓ ସେପ୍ଟେମ୍ବର ୨ରେ ଚିଠି ନଂ.୧୨୭୭ରେ ଜଣାଇଥିଲେ। ହେଲେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ପାଣି ନିଷ୍କାସନ ହେଉଥିବା ନୟନଯୋରିକୁ ପ୍ରଭାବଶାଳୀ ବ୍ୟକ୍ତି ପୋତି ଦେଇ ଘର ନିର୍ମାଣ କରିଥିବାରୁ ନିଷ୍କାସନ ହୋଇପାରୁ ନାହିଁ। ୨ ମାସ ଧରି ପାଣି ଜମି ରହିଥିବାରୁ ଦୁର୍ଗନ୍ଧ ହେବା ସହ କଲେଜ ପରିସରରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ କେତେକ ଛାତ୍ରୀଛାତ୍ର ଜ୍ୱରରେ ପୀଡ଼ିତ ହୋଇଥିବା ବେଳେ ୨ଜଣ ଡେଙ୍ଗୁ ଆକ୍ରାନ୍ତ ହୋଇଥିବା କଲେଜ ଅଧ୍ୟକ୍ଷ ବନମାଳୀ ଦାଶ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ଦୀପକ କୁମାର ଦାସଙ୍କୁ ପଚାରିବାରୁ କ୍ଷେତ୍ର ପରିଦର୍ଶନ କରି ଯଥାଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ଶିକ୍ଷୟିତ୍ରୀଙ୍କ ଅକାଳ ବିୟୋଗ

ଭଣ୍ଡାରିପୋଖରୀ, ୩।୧୦(ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମତାବାଜ ଶାସନ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ କ୍ଷଣପ୍ରଭା ବେହେରା (୪୬)ଙ୍କ ମଙ୍ଗଳବାର ଅକାଳ ବିୟୋଗ ଘଟିଛି। ସେ ଅସୁସ୍ଥ ଯୋଗୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଶିକ୍ଷକ ନେତା ପ୍ରସନ୍ନ ରଥ, ପ୍ରଧାନ ଶିକ୍ଷକ ଲୋକନାଥ ନାୟକ, ବିମଳ ଦାସ, ସରୋଜ ସାମଲ, କୈଳାସ ଚନ୍ଦ୍ର ସାମଲ, ସୁବାସ ଚନ୍ଦ୍ର ପଳତା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ଡାକ୍ତରଖାନା ରାସ୍ତାରେ ଲାଉଡସ୍ପିକର, ଡିଜେ ସାଉଣ୍ଡ ବନ୍ଦ ଦାବି

କେନ୍ଦୁଝର, ୩।୧୦(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ରାସ୍ତାରେ ଲାଉଡସ୍ପିକର ଓ ଡିଜେ ସାଉଣ୍ଡ ବନ୍ଦ କରିବା ନିମନ୍ତେ ଜିଲା କଳାକାର ସଂଘ ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ ଅନୁଯାୟୀ, ଜିଲା ମୁଖ୍ୟ ଚିକିତ୍ସାଳୟ ରାସ୍ତାରେ ପ୍ରତିଦିନ ଶହ ଶହ ରୋଗୀ ଆମ୍ବୁଲାନ୍ସ ଓ ବିଭିନ୍ନ ଗାଡ଼ିରେ ଯିବାଆସିବା କରିଥାନ୍ତି। ଏହି ଡାକ୍ତରଖାନାରେ ବୃଦ୍ଧାବୃଦ୍ଧ, ଶିଶୁ ଓ ବିଭିନ୍ନ ପ୍ରକାର ରୋଗୀ ଚିକିତ୍ସିତ ହେଉଛନ୍ତି। କିନ୍ତୁ ଦୁଃଖର ବିଷୟ ଯେ, ଏହି ରାସ୍ତାରେ ପୂଜା, ପର୍ବପର୍ବାଣୀ, ବାହାଘର ଓ ଅଧିକାଂଶ ସମୟରେ ଲାଉଡସ୍ପିକର ଓ ଡିଜେ ବଜାଇ ଭିଡ଼ କରି ରାସ୍ତାକୁ ଜାମ୍ କରୁଛନ୍ତି। ଫଳରେ ଆମ୍ବୁଲାନ୍ସ ଭିଡ଼ରେ ଫସି ରହୁଛି। ଡିଜେ ସାଉଣ୍ଡ ଦ୍ୱାରା ରାସ୍ତାକୁ ଲାଗିଥିବା ଡାକ୍ତରଖାନାରେ ରୋଗୀମାନେ ହଇରାଣ ହେଉଛନ୍ତି। ଏହି ରାସ୍ତାରେ ଡିଜେ ସାଉଣ୍ଡକୁ ବନ୍ଦ କରିବା ଦିଗରେ ଜିଲାପାଳ ପଦକ୍ଷେପ ନେବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ସଂଘର ସମ୍ପାଦକ ନିର୍ମଳ ଚନ୍ଦ୍ର ନାୟକ, ଗୁରୁ ଦାସ, ସତ୍ୟବ୍ରତ ଦାସ, ରାଜେଶ ପାତ୍ର, ଦେବଦର୍ଶନ ଦାଶ, ଅଭୟ ମହାପାତ୍ର, ସଂଗ୍ରାମ କେଶରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସୋର ମାରାଥନ କମିଟି ପକ୍ଷରୁ ଚାରାରୋପଣ

ସୋର, ୩।୧୦(ଜନ୍ମେଜୟ ମିଶ୍ର)

ଆଗାମୀ ନଭେମ୍ବର ୧୯ରେ ସୋରରେ ମାରାଥନ ଅନୁଷ୍ଠିତ ହେବ। ଏହାର ଅବ୍ୟବହିତ ପୂର୍ବରୁ ଚଳିତବର୍ଷର ଆଭିମୁଖ୍ୟ 'ଲୋକଟିଏ-ଗଛଟିଏ'କୁ ଆଧାର କରି ମାରାଥନ କମିଟି ପକ୍ଷରୁ ଷ୍ଟେଶନ ଛକଠାରୁ ସୋର ରେଳଷ୍ଟେଶନ ପର୍ଯ୍ୟନ୍ତ ଲମ୍ବିଯାଇଥିବା ଡିଭାଇଡର ମଧ୍ୟସ୍ଥଳରେ ଗାନ୍ଧୀ ଜୟନ୍ତୀ ଅବସରରେ ମୋଟ ୯୯ ଚାରାରୋପଣ କରାଯାଇ ପ୍ରଦୂଷଣମୁକ୍ତ ପରିବେଶ ସୃଷ୍ଟି ବିଶ୍ୱତାପାୟନରୁ ଜଳବାୟୁ ପରିବର୍ତ୍ତନର ଭୟାବହତା ପ୍ରତି ଜନସଚେତନତା ସୃଷ୍ଟିର ଏକ କ୍ଷୁଦ୍ର ପ୍ରୟାସ। କମିଟି ସଭାପତି ସଞ୍ଜୟ କୁମାର ଦାସ, ଉପସଭାପତି ଅବଦୁଲ ଉଦୁତ ଖାନ, ରମେଶ କୁମାର ପ୍ରଧାନ, ସମ୍ପାଦକ ସୌମ୍ୟଶାନ୍ତ ଅମୃତ ପଟ୍ଟନାୟକ, ସହସମ୍ପାଦକ ଭଗବାନ ଲେଙ୍କା, ଶ୍ରୀକାନ୍ତ ରଣା ଓ କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ସଦସ୍ୟଙ୍କ ନେତୃତ୍ୱରେ ସୋର ପୌରାଧ୍ୟକ୍ଷ ମାଧବ ଧଡା, ଉପାଧ୍ୟକ୍ଷ ସସ୍ମିତା ଦାସ, କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବାହାନଗା ରେଳ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଯାତ୍ରୀଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇ ପ୍ରତୀକାତ୍ମକ ଭାବେ ପ୍ରଥମେ ଗୋଟିଏ ବୃକ୍ଷ ସମର୍ପଣ କରାଯାଇଥିଲା। ପରେ ଅନୁଷ୍ଠାନ ସଭାପତି ଓ ସମ୍ପାଦକ ସୋରର ଶୁଭେଚ୍ଛୁ ଜନସାଧାରଣ ପ୍ରଶାସନ, ପୌରପରିଷଦ ଓ ବୃକ୍ଷଦାନ କରିଥିବା ବ୍ୟକ୍ତିବିଶେଷଙ୍କୁ ସହଯୋଗ ପାଇଁ ତଥା କାର୍ଯ୍ୟକ୍ରମର ସଫଳତା ପାଇଁ ଧନ୍ୟବାଦ ଜଣାଇଛନ୍ତି।



## 'ଯୋଗ୍ୟତା ଭିତ୍ତିରେ ଦିଆଯାଉ ଯୋଗ ଶିକ୍ଷକ ନିଯୁକ୍ତି'

ଭଦ୍ରକ,୩।୧୦(ସନାତନ ରାଉତ)

ଭଦ୍ରକ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍‌ପି ବରୁଣ ଗୁଣ୍ଟୁପାଲି ଶିବିରରେ ଯୋଗଦେଇ ସମୁଦାୟ ୬୨ ଅଭିଯୋଗ ଶୁଣିଥିଲେ। ଜିଲାରେ ଯୋଗ ଶିକ୍ଷକ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପାଇଁ ଆବେଦନକାରୀମାନେ ଜିଲାପାଳଙ୍କ ନିକଟରେ ଦାବି ଜଣାଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ମାତ୍ର ୩୯ଜଣ ଆବେଦନକାରୀଙ୍କୁ ବାଦ୍ ଦେଇ ୨୫୩ ଆବେଦନକାରୀଙ୍କ ଫର୍ମକୁ ନାକଚ କରିଦିଆଯାଇଛି। ଲଫାପା ଖୋଲା ନ ଯାଇ ଲଫାପା ଉପରେ ବିଜ୍ଞାପନ ନମ୍ବର ଲେଖା ନ ଥିବା ଦର୍ଶାଇ ନାକଚ କରାଯାଇଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏନେଇ ଏହି

**ଜିଲାପାଳଙ୍କ କାର୍ଯ୍ୟାଳୟରେ ମିଳିତ ଜନଶୁଣାଣି**

ପ୍ରକ୍ରିୟାକୁ ସ୍ଥଗିତ ରଖି ପୁନଃ ବିଚାର କରିବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

୮ଜଣ ରୋଗୀଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ମୋଟ ୭୫ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ରାସ୍ତା, ଆବାସ ଯୋଜନା, ଭତ୍ତା, ବକେୟା ଦରମା ପ୍ରାପ୍ତ ନ ହେବା ଆଦି ନେଇ ଅଭିଯୋଗ ଆସିଥିଲା। ନିୟମାନୁଯାୟୀ ସମସ୍ତ ଅଭିଯୋଗର ସମାଧାନ ପାଇଁ ଜିଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ରଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଶିବିରରେ ଉପସ୍ଥିତ ଥିଲେ। ଅଭିଯୋଗ ଉପସ୍ଥାପନରେ ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ ଓ ରାଜୀବ ହାଁସଦା, ଅଭିଯୋଗ ପଞ୍ଜୀକରଣରେ ସାଧାରଣ ବିବିଧ ବିଭାଗର ଅଭିନେତ୍ରୀ ମହାନ୍ତି ଓ ଲିପ୍ସାରାଣୀ ରାଉତ ସହଯୋଗ କରିଥିଲେ।


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଯୋଗ ଶିକ୍ଷକ ଆବେଦନକାରୀମାନେ।

